ବର୍ଷ-୨୪, ସଂଖ୍ୟା-୨୭୮
ଭୁବନେଶ୍ୱର
୧୧ ନଭେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 278
Bhubaneswar
11 November, 2024 Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ମାନିଲାନି ଇସ୍କନ, କଲା ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର, ୧୦।୧୧ (ମହାଭାରତ):** ଚିଠି ଲେଖି ଆପତ୍ତି, କାର୍ଯ୍ୟାନୁଷ୍ଠାନ ଧମକ ଓ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ ସତ୍ତ୍ୱେ ମାନିଲାନ ଇସ୍କନ। ବହୁ ବିବାଦ ପରେ ମଧ୍ୟ ମାନିଲାନି ଆମେରିକା ହ୍ୟୁଷ୍ଟନ୍‌ରେ କରିଛି ଅଦିନିଆ ରଥଯାତ୍ରା। ଫେଷ୍ଟିଭାଲ ଅଫ ବ୍ଲିସ ନାଁରେ ରଥଯାତ୍ରା କରିଛି ଇସ୍କନ। ରଥରେ ଚତୁର୍ଦ୍ଧା ମୂର୍ତ୍ତି ନଥିଲେ ବି ରାଧାକୃଷ୍ଣଙ୍କ ମୂର୍ତ୍ତି ରଖି ନନ୍ଦିଘୋଷ ଭଳି ଅବିକଳରଥ ନିର୍ମାଣ କରି ଟାଣିଛି ଇସ୍କନ। ଯାହା ଓଡ଼ିଆ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି।

ଅଦିନିଆ ରଥଯାତ୍ରା ନ କରିବାକୁ ଗଜପତି ମହାରାଜା କହିବା ପରେ ଏଥିରୁ ନିବୃତ୍ତ ରହିବ ବୋଲି ଇସ୍କନ ପକ୍ଷରୁ କୁହାଯାଇଥିଲା। ଏହାପରେ ଆମେରିକା ହ୍ୟୁଷ୍ଟନରେ ଶ୍ରୀଜିଉଙ୍କ ଅଦିନ ସ୍ନାନ ଓ ରଥଯାତ୍ରା ହେବନି ବୋଲି ଇସ୍କନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ଦିନ ଅର୍ଥାତ ଗତକାଲି ହ୍ୟୁଷ୍ଟନରେ ନନ୍ଦିଘୋଷ ଭଳି ଅବିକଳ ରଥ ନିର୍ମାଣ କରି ଏହାକୁ ଟାଣିବା ସହ ଫେଷ୍ଟିଭାଲ ଅଫ ବ୍ଲିସ ପାଳନ କରିଛି ଇସ୍କନ। ଅଦିନରେ ନନ୍ଦିଘୋଷ ରଥ ଗଢ଼ିବା ଓ ଇସ୍କନର ଏଭଳି ମନୋଭାବକୁ ନେଇ ପ୍ରଶ୍ନ ଉଠିଛି। ତେବେ ଏନେଇ ଇସ୍କନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଏ ନେଇ ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଘୋଷ ଯାତ୍ରା ଓ ସ୍ନାନ ଯାତ୍ରାକୁ ଇସ୍କନ ମନମୁଖୀ ଭାବରେ କରୁଛି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେବାୟତଙ୍କଠାରୁ ଆରମ୍ଭ କରି ସମସ୍ତ ଜଗନ୍ନାଥ ପ୍ରେମୀ ଏହାକୁ ବିରୋଧ କରିଥିଲେ। ଏନେଇ ଦୁଇ ଦୁଇ ଥର ଗଜପତି ମହାରାଜ ମଧ୍ୟ ଇସ୍କନଙ୍କୁ ଚିଠି ଲେଖିଛନ୍ତି। ଏହି ସବୁ ପରେ ବି ଜଗନ୍ନାଥଙ୍କୁ ରଥରେ ନ ବସାଇ ରାଧା

କୃଷ୍ଣଙ୍କୁ ବସାଇ ରଥଯାତ୍ରା କରିଛି ଇସ୍କନ। ବାରମ୍ବାର କହିବା ପରେ ଇସ୍କନ ମନମୁଖୀ କାର୍ଯ୍ୟ କରୁଛି ବାଧ ହୋଇ ଆଇନ ଆଶ୍ରୟ ନେବାକୁ ପଡ଼ିବ। ଏନେଇ ପରିଚାଳନା କମିଟିରେ ଆଲୋଚନା ହେବ। ଏନେଇ ଗଜପତି ମହାରାଜ ଯାହା କିଛି ପଦକ୍ଷେପ ନେବେ, ଆମେ ମଧ୍ୟ ତାଙ୍କୁ ସହଯୋଗ କରିବୁ।

### ଲଭ୍ ଜିହାଦ ମାମଲା

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ଭୁବନେଶ୍ୱର, ୧୦।୧୧ (ମହାଭାରତ): ରାଜଧାନୀରେ ଲଭ ଜିହାଦ ଅଭିଯୋଗ ମାମଲାରେ ଅଭିଯୁକ୍ତ ସମୀର ମନସୁରଙ୍କୁ ରିମାଣ୍ଡରେ ଆଣିବ କମିଶନରେଟ ପୋଲିସ। ଏଥିପାଇଁ କୋର୍ଟରେ ଆବେଦନ କରାଯାଇଛି। ବିହାରରେ ସମୀରର ଘର ଥାଇପାରେ ବୋଲି ଆମେ ଅନୁମାନ କରୁଛୁ। ଏଥି ସହ ସେ କାଶ୍ମୀରରେ ସେ କାମ କରିଥିବା ନେଇ ଜଣା ପଡ଼ିଛି। ତେଣୁ ବିହାର ଏବଂ କାଶ୍ମୀର ପୋଲିସ ସହ ଯୋଗାଯୋଗରେ ଅଛି କମିଶନରେଟ ପୋଲିସ।



ସେହିପରି ଅନ୍ୟ ରାଜ୍ୟରେ ଅଭିଯୁକ୍ତର କିଛି ଅପରାଧୀକ ମାମଲା ଅଛି କି ନାହିଁ ଛାନଭିନ ଚାଲିଛି। ଅଭିଯୁକ୍ତର ରେକର୍ଡ ହିଷ୍ଟ୍ରି ଯାଞ୍ଚ କରା ଯାଉଥିବା ବେଳେ ସମାନ ଢଙ୍ଗରେ ଆଉ କେଉଁଠି ଅପରାଧ କରିଛି ତାର ଖୋଳତାଡ କରୁଛି ପୋଲିସ। ଅନ୍ୟ କେଉଁ ସବୁ ଗ୍ୟାଙ୍ଗ ସହ ସମୀର ର ଲିଙ୍କ ଅଛି କି ନାହିଁ ତାର ତଦନ୍ତ କରୁଛି ପୋଲିସ। ଏଥି ସହ ତାର ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ଓ ଡିଜିଟାଲ ଆକାଉଣ୍ଟକୁ ଯାଞ୍ଚ କରା ଯାଉଛି। ସମୀରର ସୋସିଆଲ ମିଡ଼ିଆ ଆକାଉଣ୍ଟ ଚେକ୍ କରୁଛି କମିଶନରେଟ ପୋଲିସ। ଗତ ଶୁକ୍ରବାର ପୀଡ଼ିତାଙ୍କୁ ବ୍ଲାକମେଲ କରି ଟଙ୍କା ନେବାକୁ ଆସିଥିବା ବେଳେ ମନସୁରକୁ ମାଡି ବସିଥିଲା ସ୍ପେଶାଲ ସ୍କାଡ୍।

## ଅନାସ୍ଥା ପ୍ରସ୍ତାବ ନୋଟିସ ପରେ ବିଷ ପିଇ ଦେଲେ ସରପଞ୍ଚ

ବରଗଡ଼, ୧୦।୧୧ (ମହାଭାରତ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ତାଳପାଲି ପଞ୍ଚାୟତର ସରପଞ୍ଚ ଉର୍ମିଳା ସେଠଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିବା ବେଳେ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ଆଜି ବିଷ ପିଇ ଦେଇଛନ୍ତି। ତାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି।

ସରପଞ୍ଚ ଉର୍ମିଳା ସେଠଙ୍କ ବିରୋଧରେ ୧୫ ଜଣ ୱାର୍ଡ ମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଆସନ୍ତା ୧୨ ତାରିଖରେ ଏହି ଅନାସ୍ଥା ପ୍ରସ୍ତାବ



ଆଗତ କରାଯିବ। ଏଥିପାଇଁ ପଦ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସରପଞ୍ଚ ଉର୍ମିଳା ସେଠୀ ଓ ୧୫ ୱାର୍ଡ ମେମ୍ବରଙ୍କୁ ଚିଠି ଲେଖାଯାଇ ୧୨ ତାରିଖ ଦିନ ୧୦ଟା ବେଳେ ତାଳପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ବୈଠକ ଗୃହରେ ଉପସ୍ଥିତ ରହିବାକୁ କୁହାଯାଇଛି। ଗାଇସିଲେଟ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏଠାରେ ବୈଠକ ଅନୁଷ୍ଠିତ ହୋଇ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବ। ଅନାସ୍ଥା ପ୍ରସ୍ତାବ ଆଗତ ଜନିତ ନୋଟିସ୍ ପାଇବା ପରେ ସରପଞ୍ଚ ଉର୍ମିଳା ସେଠ ଆଜି ବିଷ ପିଇ ଦେଇଥିଲେ ବୋଲି ତାଙ୍କ ପୁଅ ରାହୁଲ ସେଠ ଅଭିଯୋଗ କରିଛନ୍ତି। ତାଳପାଲି ପଞ୍ଚାୟତର ୧୫ ଜଣ ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି ଯେ ଉର୍ମିଳା ସେଠା ସରପଞ୍ଚ ହେଲା ଦିନଠାରୁ ମନମୁଖୀ କାର୍ଯ୍ୟ କରିଆସୁଛନ୍ତି। ସେ ପଞ୍ଚାୟତର ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ବେଳେ କେବେ ହେଲେ ୱାର୍ଡ ମେମ୍ବରମାନଙ୍କୁ ଗୁରୁତ୍ୱ ଦେଇ ନାହାନ୍ତି। ସରପଞ୍ଚଙ୍କ ସ୍ୱାମୀ ନିରାକାର ସେଠ ପ୍ରତିଦିନ ମଦ ପିଇ ପଞ୍ଚାୟତ ଅଫିସକୁ ଆସୁଛନ୍ତି ଓ ୱାର୍ଡ ମେମ୍ବରମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଚମକ ମଧ୍ୟ ଦେଉଛନ୍ତି।

## ମାଣବସା ଗୁରୁବାରରେ ମାଣ୍ଡିଆ ଭୋଗ ଲାଗି ମା'ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

**ଭୁବନେଶ୍ୱର, ୧୦।୧୧ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ ସେଂଟର ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ'କୁ ଉଦ୍‌ଘାଟନ କରି ରାଜ୍ୟରେ ମିଲେଟ ଜାତୀୟ ଫସଲର ଉତ୍ପାଦନ ଏବଂ ବ୍ୟବହାରକୁ ବୃଦ୍ଧି

### ଓଡ଼ିଶା ହେବ ମିଲେଟ ହବ୍

କରିବା ସହ ଓଡ଼ିଶାକୁ ଭାରତର ମିଲେଟ ହବ୍‌ରେ ପରିଣତ କରାଯିବ। ଏଥିପାଇଁ ଚଳିତ ବର୍ଷ ବଜେଟରେ ୬୪୯ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ବୋଲି ସେ କହିଥିଲେ।

ଏହା ସହିତ ମାଣବସା ଗୁରୁବାରରେ ମାଣ୍ଡିଆକୁ ଭୋଗ ଲାଗି କରିବା ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ବିସ୍ମୃତ ଖାଦ୍ୟଶସ୍ୟର ପୁନରୁଦ୍ଧାର ପାଇଁ ଆୟୋଜିତ ଏହି ସମ୍ମିଳନୀରେ ମିଳିତ ଜାତିସଂଘର ପ୍ରତିନିଧି, କୃଷି ବିଜ୍ଞାନୀ, ଗବେଷକ, ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ଜିଲ୍ଲାର କୃଷକ ଓ ଅଗ୍ରଣୀ ମହିଳା ଚାଷୀମାନେ ଯୋଗ ଦେଇଛନ୍ତି।



ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ପୁଷ୍ଟିଶସ୍ୟ ଓ ଚାଷ ପ୍ରଣାଳୀ ଆମ ଆଦିବାସୀ ଜନଜାତି ସମ୍ପ୍ରଦାୟଙ୍କ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ପୁଷ୍ଟିଶସ୍ୟର ପ୍ରାଚୀନତା ଏବଂ ଆମ ସଂସ୍କୃତି ଓ ଐତିହ୍ୟ ସହିତ ଏହାର ନିବିଡ଼ତାକୁ ଦୃଷ୍ଟିରେ ରଖି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ 'ଶ୍ରୀଅନ୍ନ' ଭାବେ ନାମିତ କରିଛନ୍ତି। ପୁଷ୍ଟିଶସ୍ୟ ବା ଶ୍ରୀ ଅନ୍ନ ଜାତୀୟ ଫସଲ ଆମ ରାଜ୍ୟ କୃଷିର ଏକ ଅଭିନ୍ନ ଅଂଶବିଶେଷ। ଜଳବାୟୁ ସହିଷ୍ଣୁତା ଗୁଣ ସହ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଗୁଡିକ ପୁଷ୍ଟି ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ଶ୍ରୀଅନ୍ନ ଚାଷ ଆଜି ସାରା ଦେଶରେ ଏକ ବିପ୍ଳବର ରୂପ ନେଇଛି, ଏବଂ ଆଜି ସାରା ଓଡିଶାରେ ଶ୍ରୀଅନ୍ନ ଚାଷ ହେଉଛି। ପ୍ରାୟ ୧୭୭ ବ୍ଲକରେ ଏହି ଚାଷକୁ ସମ୍ପ୍ରସାରଣ କରାଯାଇଛି।

ପୁଷ୍ଟିଶସ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତରେ ପ୍ରାୟ ୧୪ ପ୍ରକାର ପୁଷ୍ଟିଶସ୍ୟ ଶ୍ରୀଅନ୍ନ ଭାବେ ମାନ୍ୟତା ପାଇଛି। ସେଥି ମଧ୍ୟରୁ ବାଜରା, ଜୱାର, ମାଣ୍ଡିଆ ସବୁଠାରୁ ଅଧିକ ଆଦୃତ। ଓଡିଶାରେ ମାଣ୍ଡିଆ ସବୁଠାରୁ ଅଧିକ ଉତ୍ପାଦନ ହେଉଥିବା ବେଳେ ସୁଆଁ, କାଙ୍ଗୁ, କୋଦ, ଜହ୍ନା ପରି ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଫସଲ ମଧ୍ୟ ବହୁଳ ଭାବେ ଚାଷ କରାଯାଉଛି। ଏହିସବୁ ପୁଷ୍ଟିଶସ୍ୟ ଗ୍ଲୁଟେନମୁକ୍ତ, ଅଧିକ ସ୍ନେହସାର, ଆଂଟି-ଅକ୍ସିଡାଂଟ ଏବଂ ବହୁତ କମ୍ ଗ୍ଲାଇସେମିକ୍ ସୂଚକାଙ୍କ ଧାରକ ହୋଇଥିବା ଯୋଗୁ ଏହା ମଧୁମେହରୋଗ ପ୍ରତିରୋଧ କରିବା ସହିତ ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ସାହାଯ୍ୟ କରିଥାଏ। ଶ୍ରୀଅନ୍ନ ଗୁଡିକ କର୍କଟ ରୋଗ, ରକ୍ତହୀନତା, ଭିଟାମିନ 'ବି'ର ଅଭାବ ଦୂର କରିବା ଦିଗରେ ପ୍ରତିଷେଧକ ଭାବେ କାମ କରିଥାଏ। ଏହିସବୁ ଉତ୍କୃଷ୍ଟ ଗୁଣ ଯୋଗୁ ଶ୍ରୀଅନ୍ନ ଏକ ସୁପରଫୁଡର ମାନ୍ୟତା ପାଇଛି।

ବର୍ତ୍ତମାନ ଆମ ସରକାର ଶ୍ରୀଅନ୍ନର ଅଧିକ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି। ଆମକୁ ଏହାକୁ ଲୋକଙ୍କ ଦୈନନ୍ଦିନ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପଡିବ। ମାଣ୍ଡିଆକୁ ସ୍ୱାଦିଷ୍ଟ କରିବା ପାଇଁ ନୂଆ ନୂଆ ପ୍ରକାର ବ୍ୟଞ୍ଜନ ଓ ନୂଆ ପ୍ରକାର ବ୍ୟଞ୍ଜନ ଶୈଳୀକୁ ଘରେ ଘରେ ପହଂଚାଇବା ପାଇଁ ଫୁଡ୍ ବ୍ଲଗରମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଓଡିଶାରେ ମାଣ୍ଡିଆ ଚାଷକୁ ଆମ ମହିଳା ଚାଷୀମାନେ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି। ଓଡିଶା ମାଣ୍ଡିଆ ଆନ୍ଦୋଳନର ଦୁଇ ପ୍ରମୁଖ ମହିଳା ଚାଷୀ ହେଉଛନ୍ତି, କୋରାପୁଟ ଜିଲ୍ଲାର ରାଇମତୀ ଘିଉରିଆ ଏବଂ ମୟୁରଭଞ୍ଜ ଜିଲ୍ଲାର ସୁବାଷା ମହନ୍ତ। ସେମାନେ ନିଜ ନିଜ ପ୍ରଚେଷ୍ଟାରେ ଏହାର ଅଭିବୃଦ୍ଧି କରିବା ସହିତ ମାଣ୍ଡିଆ କିପରି ଏକ ଚାଷୀର ଆର୍ଥିକ ଅବସ୍ଥାକୁ ବଦଳେଇ ଦେଇପାରେ ତାକୁ ପ୍ରମାଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଦୁଇ ମହିଳାଙ୍କୁ ଜି-୨୦ ସମ୍ମିଳନୀରେ ଶ୍ରୀଅନ୍ନ ଚାଷର ବ୍ରାଣ୍ଡ ଆମ୍ବାସଡର କରିଥିଲେ। ପୋଷକତତ୍ତ୍ୱରେ ଭରପୁର ଏହି ବିଲୁପ୍ତପ୍ରାୟ ଖାଦ୍ୟର ପୁନରୁଦ୍ଧାର କରିବା ଦିଗରେ ଆମ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ।

## ଡମ୍ଫର ଚଢ଼ାଇ ଦୁଇ ଜଣଙ୍କୁ ହତ୍ୟା

**ଆନନ୍ଦପୁର/ଘସିପୁରା, ୧୦।୧୧ (ମହାଭାରତ):** ଦୁଇ ପରିବାର ମଧ୍ୟରେ ବିବାଦ ନେଇଛି ଦୁଇ ଜୀବନ। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ବଳରାମପୁର ପଞ୍ଚାୟତ ନଦୁଆଁ ଗ୍ରାମରେ ବଡ଼ବାପା ଓ ସମ୍ପର୍କୀୟ ଖୁଡ଼ିଙ୍କୁ ଡମ୍ଫର ଚଢ଼ାଇ ହତ୍ୟା କରିଛି ପୁତୁରା। ମୃତକମାନେ ହେଲେ ସେହି ଗ୍ରାମର ପାଣ୍ଡୁ ପୃଷ୍ଟି (୭୦) ଓ ସଞ୍ଜୁଲତା ପଲେଇ (୪୦)। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମବାସୀ ଅଭିଯୁକ୍ତ ପୁତୁରା ଭଞ୍ଜକିଶୋର ପୃଷ୍ଟିଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ପାଣ୍ଡୁ ପୃଷ୍ଟି ଓ ଭଞ୍ଜକିଶୋରଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ସକାଳେ ମଧ୍ୟ ଏହାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାବେଳେ ଭଞ୍ଜକିଶୋର ନିଶାସକ୍ତ ଅବସ୍ଥାରେ ଆସି



ସମସ୍ତଙ୍କୁ ଗାଡ଼ି ଚଢ଼ାଇ ମାରିଦେବ ବୋଲି ଧମକ ଦେଇଥିଲା। ପରେ ଏକ ଡମ୍ଫର (ଓଆର୍-୧୬-ସି-୯୮୫୦)କୁ ଷ୍ଟାର୍ଟ କରି ବଡ଼ବାପା ପାଣ୍ଡୁଙ୍କ ଘର ଆଡ଼କୁ ମାଡ଼ି ଆସିଥିଲା। ତାଙ୍କ ଚାଳଘରକୁ ଧକ୍କା ଦେଇଥିଲା। ଏହି ସମୟରେ ପାଣ୍ଡୁ ଗାଡ଼ି ଚକ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନିକଟରେ ଥିବା ସମ୍ପର୍କୀୟ ଖୁଡ଼ୀ ତଥା କୁଳମଣି ପଲେଇଙ୍କ ପତ୍ନୀ ସଞ୍ଜୁଲତା ପାଣ୍ଡୁଙ୍କ ପାଖକୁ ଧାଇଁ ଆସିଥିଲେ। ତାଙ୍କ ଉପରେ ମଧ୍ୟ ଭଞ୍ଜକିଶୋର ଗାଡ଼ି ଚଢ଼ାଇ ଦେଇଥିଲେ ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆତଙ୍କବାଦ ବିରୋଧରେ ଲଢ଼େଇ : ସେନା ଅଧିକାରୀ ସହିଦ

**ଶ୍ରୀନଗର, ୧୦।୧୧ (ମହାଭାରତ):** ଜମ୍ମୁ କଶ୍ମୀରରେ ଲଗାତର ଆତଙ୍କବାଦୀଙ୍କ ବିରୋଧରେ ଅଭିଯାନ ଚାଲିଛି। ତଥାପି ଆତଙ୍କବାଦୀମାନେ ସୁଧୁରୁ ନାହାନ୍ତି। ଏହାରି ଭିତରେ ସୁରକ୍ଷାବାହିନୀଙ୍କ ଗୁଳିମାଡ଼ରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଗତକାଲି ଦୁଇ ଜଣ ନିହତ ହୋଇଥିଲେ। ସେହିପରି ଜଣେ ଯବାନ ସହିଦ ହୋଇଛନ୍ତି।

ଜମ୍ମୁ କଶ୍ମୀରର ବାରାମୁଲ୍ଲା ଜିଲାର ସୋପୋରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ଜଣେ ଆତଙ୍କବାଦୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଚାଲିଛି।

ଏହା ବ୍ୟତୀତ ଶ୍ରୀନଗରର କିସ୍ତୱାଡ଼ା ଅଞ୍ଚଳ ପଛରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଣ୍ଟର ମଧ୍ୟ ଚାଲିଛି। ଆତଙ୍କବାଦୀଙ୍କ ସହ ଲଢ଼େଇ କରିବା ବେଳେ ସ୍ଥଳ ସେନାର ଜଣେ ଅଧିକାରୀ ସହିଦ ହୋଇଛନ୍ତି। ଏଥିରେ ଗୁଳିବିନିମୟରେ ତିନି ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି ଅଧିକାରୀ କହିଛନ୍ତି ଯେ ଦୁଇରୁ ତିନି ଆତଙ୍କବାଦୀ ସେଠାରେ ଲୁଚି ରହିଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁପ୍ତଚର ସୂଚନା ପାଇବା ପରେ ସେନା, ସିଆରପିଏଫ ଏବଂ ପୁଲିସ ମିଳିତ ଆତଙ୍କବାଦ ବିରୋଧୀ ଅପରେସନ ଆରମ୍ଭ କରିଛନ୍ତି। ଜମ୍ମୁ-କଶ୍ମୀରର କିସ୍ତାରରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ଦେଖିବାକୁ ମିଳିଛି। ଆତଙ୍କବାଦୀଙ୍କ ସହ ଲଢ଼େଇ କରିବା ବେଳେ ସ୍ଥଳ ସେନାର ଜଣେ ଅଧିକାରୀ ସହିଦ ହୋଇଛନ୍ତି। ସେହିପରି ଗୁଳି ମାଡ଼ରେ ଆଉ ୩ ଜଣ ପାରା କମାଣ୍ଡୋ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଏହାପୂର୍ବରୁ ଶୁକ୍ରବାର ସୋପୋରର ସାଗିପୋରା ଅଞ୍ଚଳରେ ସୁରକ୍ଷା ବାହିନୀ ସହ ହୋଇଥିବା ଏନକାଉଣ୍ଟରରେ ଦୁଇଜଣ ବିଦେଶୀ ଆତଙ୍କବାଦୀ ନିହତ ହୋଇଥିଲେ ଗୁରୁବାର ରାତିରୁ ହିଁ ଏହି ଏନ୍‌କାଉଣ୍ଟର ଜାରି ରହିଥିଲା ମୃତ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ପୁଲିସ କହିଛି।

## ପାଣ୍ଡିଆନଙ୍କ ହେଲିପ୍ୟାଡ ନିର୍ମାଣ ଦୁର୍ନୀତିର ତଦନ୍ତ ଆରମ୍ଭ

**ଭୁବନେଶ୍ୱର, ୧୦।୧୧ (ମହାଭାରତ):** ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ଶୋଚନୀୟ ପରାଜୟବରଣ ପରେ ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ପାଲଟିଥିଲା ହେଲିକପ୍ଟରରେ ପ୍ରଚାର ପ୍ରସଙ୍ଗ। ପୂର୍ବ ସରକାର ଅମଳରେ ବିଜେଡିର ଶକ୍ତିଶାଳୀ ନେତା ଭି.କେ.ପାଣ୍ଡିଆନ ୪୦୦ରୁ ୪୫୦ ଜାଗା ହେଲିକପ୍ଟରରେ ବୁଲିଥିଲେ ଯାହାକି ଚର୍ଚ୍ଚାର ଶିରୋନାମା ପାଲଟିଥିଲା। ବିଜେଡି କ୍ଷମତାରୁ ଯିବା ପରେ ରାଜନୈତିକ ଦୃଶ୍ୟପଟ୍ଟରୁ ହଜିଯାଇଛନ୍ତି। ବିଜେପି କ୍ଷମତାକୁ ଆସିବା ପରେ ହେଲିକପ୍ଟର ଗସ୍ତ ଖର୍ଚ୍ଚ ସହ ହେଲିପ୍ୟାଡ ନିର୍ମାଣ ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି କହିଥିଲା। ଏବେ ପାଣ୍ଡିଆନଙ୍କ ପାଇଁ ବଢ଼ିବାକୁ ଯାଉଛି ଅଡୁଆ। ନିର୍ବାଚନ ପୂର୍ବରୁ ତାଙ୍କ ଗସ୍ତ ବେଳେ ନିର୍ମାଣ ହୋଇଥିବା ହେଲିପ୍ୟାଡରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ତଦନ୍ତ ଆରମ୍ଭ କରିଛି ପୂର୍ତ୍ତ ବିଭାଗ। ଏନେଇ ସୂଚନା ଦେଇ



ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ପୂର୍ତ୍ତ ମନ୍ତ୍ରୀ କହିଛନ୍ତି, ପାଣ୍ଡିଆନଙ୍କ ହେଲିପ୍ୟାଡ ନିର୍ମାଣ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଖୁବଶୀଘ୍ର ଏହା ଉପରୁ ପରଦା ହଟିବ ଏବଂ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ନିର୍ବାଚନ। ପୂର୍ବରୁ ପାଣ୍ଡିଆନ ପାଖାପାଖି ୪୦୦ରୁ ୪୫୦ ଜାଗା ହେଲିକପ୍ଟରରେ ବୁଲିଥିଲେ। ସେହି ସବୁ ସ୍ଥାନରେ ହେଲିକପ୍ଟର ଅବତରଣ ପାଇଁ ହେଲିପ୍ୟାଡ ନିର୍ମାଣ ହୋଇଥିଲା।

କିନ୍ତୁ ହେଲିପ୍ୟାଡ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା? କାହା ନିର୍ଦ୍ଦେଶରେ ହେଲିପ୍ୟାଡ ନିର୍ମାଣ ହୋଇଥିଲା? କେଉଁ ବିଭାଗ ଟଙ୍କାରୁ ଏହି ଖର୍ଚ୍ଚ ହୋଇଥିଲା? ତାର ତଥ୍ୟ ଲୁଚାଇଥିଲେ ପୂର୍ବ ସରକାର। ଆଉ ସରକାର ବଦଳିବା ପରେ ଏହାର ତଦନ୍ତ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା ଦାବି ପରେ ତଦନ୍ତ ହେବ ବୋଲି କହିଥିଲେ ସରକାର।

ତେବେ ଏହାକୁ କେବଳ ରାଜନୈତିକ ବୟାନବାଜି ବୋଲି କହିଛି ବିଜେଡି। ପୂର୍ବ ସରକାର ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ମନ୍ତ୍ରୀ କହି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଦୁର୍ନୀତି ଅଭିଯୁକ୍ତଙ୍କୁ ଛଡାଯିବ ନାହିଁ ବୋଲି କହୁଛନ୍ତି। ହେଲେ, ସରକାର ବଦଳିବାକୁ ଏହା ଭିତରେ ୫ ମାସ ବିତିଥିଲେ ବି ତଦନ୍ତ ଯେମିତି ହେବା କଥା ସେମିତି ଦେଖିବାକୁ ମିଳୁନାହିଁ। ତେଣୁ କେବେ ସରକାର ବହୁ ଚର୍ଚ୍ଚିତ ପାଣ୍ଡିଆନଙ୍କ ଗସ୍ତ କେଳେଙ୍କାରୀର ସତ ସାମନାକୁ ଆଣୁଛନ୍ତି ତା'ଉପରେ ସମସ୍ତଙ୍କ ନଜର ରହିଛି।

## ପାକିସ୍ତାନରେ ବିସ୍ଫୋରଣ, ୨୧ ମୃତ



**ବେଲୁଚସ୍ତାନ, ୧୦।୧୧ (ଏଜେନ୍ସି):** ପାକିସ୍ତାନର କ୍ୱେଟା ରେଲୱେ ଷ୍ଟେସନ ପରିସରରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଲାଗି 'ବଲୁଚ ଲିବରେସନ ଆର୍ମି'ନାମକ ସଙ୍ଗଠନ ନିଜକୁ ଦାୟୀ କରିଛି। ଆଜି ସକାଳ ପ୍ରାୟ ୯ଟା ବେଳେ ହୋଇଥିବା ଏହି ବିସ୍ଫୋରଣରେ ପ୍ରାୟ ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ସଂଖ୍ୟା ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପାକିସ୍ତାନ ପୁଲିସ୍ ତଥା ସେନା ପକ୍ଷରୁ ଏହି ଘଟଣାର ଛାନଭିନ ଆରମ୍ଭ ହୋଇ ଯାଇଥିବା ବେଳେ 'ବଲୁଚ ଲିବରେସନ ଆର୍ମି' ଏଥିପାଇଁ ନିଜକୁ ଦାୟୀ କରିଛି। ପାକିସ୍ତାନ ସେନାକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା ସଙ୍ଗଠନ ପ୍ରବକ୍ତା କହିଛନ୍ତି। ଆଜି ସକାଳେ ପାକିସ୍ତାନ ସେନାର ଏକ ୟୁନିଟ ମିଲିଟାରୀ କଲେଜରୁ କୋର୍ସ ସମାପ୍ତ କରି ଫେରୁଥିବା ବେଳେ ଏହି ବିସ୍ଫୋରଣ ଘଟିଛି।

## ବିଜେଡି-ବିଜେପି ବାକ୍ ଯୁଦ୍ଧ

ଭୁବନେଶ୍ୱର, ୧୦।୧୧ (ମହାଭାରତ): ରାଜ୍ୟରେ ମୋହନ ସରକାର ୫ ମାସ ପୁରିବାକୁ ଯାଉଥିବାବେଳେ ବିଜେପିକୁ ସମାଲୋଚନା କରିଛି ବିରୋଧୀ ଦଳ ବିଜେଡି। ବିଜେପି ସରକାର ପୂର୍ବ ସରକାରର ଅନୁକରଣ କରୁଥିବା ଅଭିଯୋଗ ଆଣିବା ସହ ଟାକୁଆ ଘଟଣାରେ ଶାସକ ଦଳକୁ ଟାର୍ଗେଟ୍ କରିଛି। ସେହିପରି ବିଜେପି ଏହାର ଜବାବ ରଖିଛି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ମୋହନ ସରକାର ୫ ମାସ ପୁରିବାକୁ ଯାଉଛି। ଯାହା ବି ନିଷ୍ପତ୍ତି ନେଉଛନ୍ତି ତାହା ପୂର୍ବ ସରକାରର ଅନୁକରଣ।



ପୂର୍ବ ସରକାରର ନିଷ୍ପତ୍ତିକୁ କେବଳ ଲାଗୁ କରି ବାହା ବାହା ନେବାକୁ ଅପଚେଷ୍ଟା କରୁଛନ୍ତି ଏ ସରକାର। କିଛି ଦିନ ତଳେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅତିରିକ୍ତ ୧୦ ଦିନ ଛୁଟି ମହିଳାଙ୍କୁ ମେନସ୍ୟୁରାଲ ସାଇକେଲ୍ ପାଇଁ ଦିଆଯିବ ବୋଲି ଘୋଷାଣ କଲେ। କିନ୍ତୁ ବିଜେଡ଼ି ସରକାର ଏ ନିଷ୍ପତ୍ତି ନେଇ ସାରିଥିଲେ। ସେହିପରି ଶନିବାର ପଦ୍ମ ବିଜେତାଙ୍କୁ ୩୦ ହଜାର ଟଙ୍କା ଦେବାକୁ ଘୋଷାଣ କରିଛନ୍ତି। କିନ୍ତୁ ୧୨/୦୩/୨୦୨୪ରେ ନବୀନ ସରକାର ୨୫ ହଜାର ଟଙ୍କା ଘୋଷଣା କରିସାରିଛନ୍ତି। ପ୍ରତି ମାସରେ ଆଇଏଏସ ଅଫିସରଙ୍କ ବଦଳି ହେଉଛି। ଅତିରିକ୍ତ ଦାୟିତ୍ୱ ବି ବଦଳା ଯାଉଛି। ଯୋଗାଣ ସଚିବ ଭି.ଭି. ଯାଦବଙ୍କୁ ହଠାତ ପରିବର୍ତ୍ତନ କରାଗଲା। ରାସନ ପହଞ୍ଚିଲା ନାହିଁ ବୋଲି ଆମ୍ବ ଟାକୁଆ। ଖାଇ ଦୁଇ ଜଣ ମଲେ। ସେହିପରି ଆଳୁ ସଙ୍କଟ ଦୂର କରିବାରେ ବିଫଳ। ଏସବୁ କାରଣ ପାଇଁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ବରଖାସ୍ତ ହେବା କଥା। କିନ୍ତୁ ତାହା ନକରି କେବଳ ସଚିବଙ୍କୁ ବଦଳାଇବା ମାନେ କ'ଣ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି।

ବିଜେଡି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଘୋଷଣା କରିଥିଲେ ବୋଲି ଆମେ ତ ଜାଣିନୁ। ପୂର୍ବ ସରକାର ସବୁ କଥାରେ ଖାଲି ଘୋଷଣା କରୁଥିଲେ। ୨୪ ବର୍ଷ ଶାସନ ଭିତରେ ତାଙ୍କୁ ଯେଉଁ କଥା ମନେ ନଥିଲା ଏକଥା ଶାସନ ଯିବାର ୪ ମାସ ଭିତରେ ମନେ ପଡୁଛି। ସ୍ମୃତିଶକ୍ତି ସେତେବେଳେ ଖରାପ ଥିଲା, ଆଜି ସ୍ମୃତିଶକ୍ତି ତାଜା ହୋଇଯାଇଛି। ଏଣୁ ଏହାକୁ ରିଜର୍ଭ କରି ରଖନ୍ତୁ ହେରିଟେଜ୍ କଞ୍ଜରଭେସନ ହେବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଋମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଜାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଋମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

ଖବର

# ୧୯ ବର୍ଷ ପରେ ଫେରୁଛି ଶକ୍ତିମାନ, ସାମ୍ନାକୁ ଆସିଲା ପ୍ରଥମ ଝଲକ୍




ଦର୍ଶକଙ୍କ ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ପୁଣି ଫେରୁଛି ଲୋକପ୍ରିୟ ଟିଭି ଧାରାବାହିକ 'ଶକ୍ତିମାନ୍'। ଭାରତରେ ବ୍ୟାଟମ୍ୟାନ୍ କିମ୍ବା ସ୍ପାଇଡରମ୍ୟାନ ନୁହେଁ ଶକ୍ତିମାନ ଥିଲା ୯୦ ଦଶକର ସୁପରହିରୋ। ୧୯୯୭ ମସିହାରେ ଆରମ୍ଭ ହୋଇଥିବା ଏହି ଧାରାବାହିକ ଦେଶର ଘରେ ଘରେ ପରିଚିତ ଥିଲା। ଇତି ମଧ୍ୟରେ 'ଶକ୍ତିମାନ୍'କୁ ନେଇ ଆସିଛି ଏକ ବଡ଼ ଖବର। ଶକ୍ତିମାନ ଚରିତ୍ରରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ମୁକେଶ ଖାଓ୍ଵା ନିଜ ଇନଷ୍ଟାଗ୍ରାମ ଓ ୟୁଟ୍ୟୁବ ପେଜ୍ରେ ଏକ ଟିଜର ଓ ପୋଷ୍ଟର ଶେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କ ଶୋ'ର ପୁନଃ ଆରମ୍ଭ ଓ ସୁପରହିରୋର ପ୍ରତ୍ୟାବର୍ତ୍ତନ ନେଇ ଘୋଷଣା କରିଛନ୍ତି।ମୁକେଶ ଖାଓ୍ଵା ତାଙ୍କ ଇନଷ୍ଟାଗ୍ରାମରେ 'ଶକ୍ତିମାନ'ର ବହୁପ୍ରତୀକ୍ଷିତ ପ୍ରତ୍ୟାବର୍ତ୍ତନ ଘୋଷଣା କରି ପ୍ରଥମ ପୋଷ୍ଟର ଓ ଟିଜର ଶେୟାର କରିଛନ୍ତ। ଏଥିରେ ସେ ଲେଖିଛନ୍ତି, ''ବର୍ତ୍ତମାନ ତାଙ୍କ ଫେରିବାର ସମୟ ଆସିଛି ଆମର ପ୍ରଥମ ଭାରତୀୟ ସୁପରଶିକ୍ଷକ-ସୁପରହିରୋ ହଁ। ଯେହେତୁ ଆଜିକାଲିର ପିଲାଙ୍କୁ ଅନ୍ଧକାର ଏବଂ ଆସୁରିକ ଶକ୍ତି କବଳ କରିଛି ତେଣୁ ତାଙ୍କ ପ୍ରତ୍ୟାବର୍ତ୍ତନର ସମୟ ଆସିଛି ସେ ଏକ ବର୍ତ୍ତା ନେଇ ଫେରୁଛନ୍ତି। ସେ ଏକ ଶିକ୍ଷା ସହ ଫେରୁଛନ୍ତି। ଆଜିର ପିଢି ପାଇଁ। ତାଙ୍କୁ ଦୁଇ ହାତରେ ସ୍ୱାଗତ କରନ୍ତୁ ।ଏବେ ଦେଖନ୍ତୁ ଟିଜର କେବଳ ଭୀଷ୍ମ ଇ□ରନେସନାଲ ୟୁଟ୍ୟୁବ୍ ଚ୍ୟାନେଲରେ।''ପୋଷ୍ଟ ଶେୟାର କରିବା ମାତ୍ରେ ପ୍ରଶଂସକମାନେ ନିଜ ଉତ୍ସାହ କମେ□ ଜରିଆରେ ପ୍ରକାଶ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମୁଁ ଏହାକୁ ଦେଖିବାକୁ ଅନେକ ଥର ସ୍କୁଲ ବନ୍ଦ କରିଛି। ଅନ୍ୟ ଜଣେ ୟୁଜର ଲେଖିଛନ୍ତି, ଅପେକ୍ଷା କରିଛୁ ସାର୍, ସବୁଠାରୁ ଶକ୍ତିଶାଳୀ ପ୍ରଥମ ସୁପରହିରୋ। ଆମ ଶକ୍ତିମାନ।ଟିଜର ବିଷୟରେ କହିବାକୁ ଗଲେ, ଏହା ମୁଖ୍ୟତଃ 'ଶକ୍ତିମାନ'ର ପୁରୁଣା ଏପିସୋଡଗୁଡିକର ଝଲକ ଦେଖିବାକୁ ମିଳିଛି ଏବଂ ଶେଷରେ ଶକ୍ତିମାନର ଗୀତ ସହ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ନଜର ଆସିଛି, ଯାହା ପ୍ରଶଂସକଙ୍କ ଉତ୍ସାହ ବଢାଇ ଦେଇଛି। ସୂଚନାଯୋଗ୍ୟ, ଡିଡି ନେସନାଲରେ ୧୯୯୭ ମସିହା ସେପ୍ଟେମ୍ବର ୧୩ରୁ ୨୦୦୫ ମସିହା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା 'ଶକ୍ତିମାନ'।

# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ



କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆ।ଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆ।ଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆ।ଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆ।ଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ



ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଋରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ।ଙ୍କୁ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥା୍ ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

# ପୋଇ ଶାଗରେ ରହିଛି ଅନେକ ଗୁଣ

## ଦୂର କରିଥାଏ ଆଇରନ୍ ସମସ୍ୟା



ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ଼ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

# କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ



ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ




ଭୁବନେଶ୍ୱର,୧୦।୧୧ (ମହାଭାରତ): ଏ ଜାତି ହେଉଛି ବୀର ଜାତି, ଏହି ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଖ୍ରୀଷ୍ଟପୂର୍ବ ସମୟରୁ ଆରମ୍ଭ କରି ଇଂରେଜ ଶାସନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବିଭିନ୍ନ ସମୟରେ ନିଜର ବୀରତ୍ୱର ପ୍ରଦର୍ଶନ କରି ଆସିଛି। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏ ମାଟିର ବୀର ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ରଣହୁଙ୍କାର ଦେଇଥିଲେ ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ତେଣୁ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇ ଅତ୍ୟାଚାରର ଶିକାର ହେଉଥିଲା ସେତେବେଳେ ଏହି ଖୋର୍ଦ୍ଧା ମାଟିରୁ ବିଦ୍ରୋହର ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ଏ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ଯୁବପିଢ଼ି ପଢ଼ିବା ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଶିକ୍ଷା ପ୍ରଶାସକ ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ତାଙ୍କଠାରେ ତ୍ୟାଗୀ ଓ ଯୋଗୀର ଅପୂର୍ବ ସମନ୍ୱୟ ଘଟିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଦୂରଦୃଷ୍ଟି ଓ ଯୁଦ୍ଧକୌଶଳ ତାଙ୍କୁ ପ୍ରକୃତ ବୀର ଆଖ୍ୟା ପ୍ରଦାନ କରିଛି ବୋଲି ସେ କହିଥିଲେ। ସେହିପରି ବିଶିଷ୍ଟ ଶିକ୍ଷାବିତ୍ ତଥା ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଇଂରେଜମାନଙ୍କୁ ଏ ମାଟିରୁ ତଡ଼ିବା ପାଇଁ ଯେଉଁ ଜାତୀୟତା ଜନ୍ମଲାଭ କରିଥିଲା ତାହାର ନେତୃତ୍ୱ ନେଇଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ତାଙ୍କ ସମୟରେ ଯେଉଁ ସଂଗ୍ରାମ ଆରମ୍ଭ ହୋଇଥିଲା ତାହା ହିଁ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ସେ ମତବ୍ୟକ୍ତ କରିଥିଲେ। ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ 'ଜୟୀ ରାଜଗୁରୁଙ୍କ ଜୀବନୀ' ସଂପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିବାବେଳେ ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ପ୍ରାକ୍ତନ ପ୍ରଶାସକ ଦିଗମ୍ବର ମହାନ୍ତି, ଐତିହାସିକ ଡ. ବିନୋଦିନୀ ଦାଶ, ଶିକ୍ଷାବିତ୍ ପ୍ରଫେସର ପ୍ରସନ୍ନ କୁମାର ଜେନା ଜୟୀ ରାଜଗୁରୁଙ୍କ ଉପରେ ନିଜର ବକ୍ତବ୍ୟ ରଖିଥିଲେ।

# ଗୋମାତାଙ୍କ ସେବା ଓ ସୁରକ୍ଷା ପରମ କର୍ତ୍ତବ୍ୟ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୋମାତାଙ୍କ ଅବଦାନ ଅତୁଳନୀୟ। ଆମ ସନାତନ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଗୋସେବା କଲେ କୋଟି ଦେବଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଦେଶରେ ଗୋହତ୍ୟାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ସବୁ ମହଲରେ କାର୍ଯ୍ୟହେବା ଆବଶ୍ୟକ ବୋଲି ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି। ଆଜି ପବିତ୍ର କାର୍ତ୍ତିକର ଗୋପାଷ୍ଟମୀ ତିଥିରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ସରକାରୀ ବାସଭବନରେ ଦୁଇ ଗୋମାତାଙ୍କ ଭବ୍ୟ ପୂଜାର୍ଚ୍ଚନା କରିଛନ୍ତି। ଆନ୍ଧ୍ରପ୍ରଦେଶର ପୁଙ୍ଗାନୁରରୁ ଆସିଥିବା ଦୁଇ ଗୋମାତାଙ୍କ ନାମକରଣ କରାଯାଇଛି- ସୁରଭି ଓ କ୍ରୀଷ୍ଣା। ସେମାନଙ୍କ ପୂଜନ ଓ ସେବା କରିବା ସହିତ ଗୃହପ୍ରବେଶକୁ ସ୍ୱାଗତ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହାକୁ ଏକ ସୌଭାଗ୍ୟ ଭାବରେ ଅଭିହିତ କରିଛନ୍ତି।



ମନ୍ତ୍ରୀ ଶ୍ରୀ ମଲ୍ଲିକ ବାଲେଶ୍ୱର ଜିଲ୍ଲା ସୋରସ୍ଥିତ ଗୋଶାଳାର ଶତବାର୍ଷିକ ମହୋତ୍ସବରେ ଯୋଗଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଗୋଶାଳାର ସ୍ମରଣିକା 'ନନ୍ଦିନୀ' ଉନ୍ମୋଚନ କରିବା ସହିତ ଗୋସେବା ପ୍ରତି ସମର୍ପିତ ସ୍ୱେଚ୍ଛାସେବୀ ଓ ଗୋପାଳକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ସେବାପରାୟଣତା ଓ ଗୋପୂଜନ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ମନ୍ତ୍ରୀ କହିଥିଲେ।

# ବିଦେଶୀ ବାନର ଖୁଆଡ଼ ଉଦଘାଟିତ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଆଜି ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନିର୍ମାଣ କରାଯାଇଥିବା ନୂତନ ବିଦେଶୀ ବାନର ଖୁଆଡକୁ ଉଦଘାଟନ କରିଛନ୍ତି। ବିଶ୍ୱ ବାନର ଜଗତକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ନୂତନ ବିଦେଶୀ ବାନର ଖୁଆଡ ନିର୍ମାଣ କରାଯାଇଛି। ଏହି ପ୍ରାକୃତିକ ଖୁଆଡରେ ବିଶ୍ୱର ସାତ ପ୍ରଜାତିର ବାନର ରଖାଯାଇଛି। ସେଗୁଡିକ ତୁଳା ମୁଣ୍ଡିଆ ଟାମାରିନ, ସୁନେଲି ହାତ ଟାମାରିନ, ସିଆମଙ୍ଗ, କଳାକାନ ମାର୍ମୋସେଟ, ଧଳାକାନ ମାର୍ମୋସେଟ, ଜିଓଫ୍ରେ ମାର୍ମୋସେଟ ଏବଂ ଗୁଣ୍ଡୁଚି ମାଙ୍କଡ। ଏହି ସାତୋଟି ବାନର ପ୍ରଜାତି ମଧ୍ୟରୁ ଚାରଟି ପ୍ରଜାତି ଯଥା- ତୁଳା ମୁଣ୍ଡିଆ ଟାମାରିନ, ସିଆମଙ୍ଗ, ଧଳାକାନ ମାର୍ମୋସେଟ ଓ ଜିଓଫ୍ରେ ମାର୍ମୋସେଟ ଉଦ୍ୟାନରେ ନୂତନ ଆକର୍ଷଣ ଭାବରେ ଯୋଡାଯାଇଛି। ଏସ.ଏନ. ମହାନ୍ତି ଗ୍ରୁପ, ବଡବିଲ, କେଉଁଝରର ପ୍ରୋତ୍ସାହନଦାତାଙ୍କ ମାଧ୍ୟମରେ ଏହି ନୂତନ ପ୍ରଜାତିଗୁଡିକ ସଂଗ୍ରହ କରାଯାଇଛି। ଖୁଆଡ ସମୂହଟି ୧୩ ହଜାର ୬୬୫ ବର୍ଗ ଫୁଟ ଭୂମିରେ ବିକଶିତ ହୋଇଛି। ଏଥିରେ ସାତଟି ପ୍ରାକୃତିକ ପରିବେଶ ବେଷ୍ଟିତ ଖୁଆଡ, ୧୮ଟି ଖାଦ୍ୟଗ୍ରହଣ ଗୃହ, ୧୦ଟି ବ୍ୟାକ୍‌କ୍ରଲ ଅନ୍ତର୍ଭୁକ୍ତ। ଏହି ବିଦେଶୀ ବାନର ଖୁଆଡ଼ ସମୂହଟି ୧ କୋଟି ୭୫ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ବାନର ଖୁଆଡ଼ଟିରେ ଉନ୍ନତମାନର ରାସ୍ତା, କାଚବାଡଯୁକ୍ତ ପ୍ରଦର୍ଶନୀ ଖୁଆଡ, ଜଳ ଫୁଆର, ପ୍ରାକୃତିକ ସୌନ୍ଦର୍ଯ୍ୟବେଷ୍ଟିତ କରାଯାଇଛି।



# କିମ୍ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଡାକ୍ତରୀ ଶିକ୍ଷାଲାଭ ପରେ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଶପଥ ନେଇଛନ୍ତି କିମ୍ସର ନବାଗତ ଛାତ୍ରଛାତ୍ରୀମାନେ। ଗୁରୁବାର କିମ୍ସରେ ନାମ ଲେଖାଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନେ ସେବା ମନୋବୃତ୍ତି ରଖି ଡାକ୍ତରୀ ଶିକ୍ଷା ଲାଭ କରିବା ଉଚିତ ବୋଲି କହିଥିଲେ। ସମାଜ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ ଭାବେ ଦେଖିଥାଏ, ତେଣୁ ଛାତ୍ରଛାତ୍ରୀମାନେ ଡାକ୍ତର ହେବା ପରେ ଉତ୍ତମ ରୋଗୀସେବା ପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ, ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ମହାନ୍ତି, କିମ୍ସ ମେଡିକାଲ୍ ଅଧିକ୍ଷକ ଡା. ମାନସ ରଞ୍ଜନ ବେହେରା ଓ କିଟ୍ ଡେଂଟାଲ କଲେଜ ଅଧ୍ୟକ୍ଷ ଡା. ଅଶ୍ୱିନୀ କର ପ୍ରମୁଖ ଉପସ୍ଥିତ ରହି ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଡା. ସିବିକେ ମହାନ୍ତି କହିଲେ, ଏମ୍‌ବିବିଏସ୍ ଏକ ଚ୍ୟାଲେଞ୍ଜିଂ କରିକୁଲମ। ତେଣୁ ଡାକ୍ତର ହେବା ପରେ ମଧ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସହ ଜଡ଼ିତ ରହିବାକୁ ସବୁବେଳେ ଅଧ୍ୟୟନ କରିବାକୁ ପଡ଼ିଥାଏ ବୋଲି କହିଥିଲେ। ଏହି ୫ବର୍ଷ ମଧ୍ୟରେ ତୁମେମାନେ ଯେଉଁ ପରିଶ୍ରମ କରିବ ତାହା ପରବର୍ତ୍ତୀ ୫୦ବର୍ଷ ପର୍ଯ୍ୟନ୍ତ ତୁମକୁ ସହାୟକ ବୋଲି ସେ କହିଥିଲେ। ସେହିପରି ହ୍ୱାଇଟକୋଟ ସ୍ୱାଗତ କାର୍ଯ୍ୟକ୍ରମ ପରେ କାଡାଭରିକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିମସ ହ୍ୟୁମାନ ଆନାଟୋମୀ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଭାଗୀୟ ମୁଖ୍ୟ ଡା ପ୍ରଜ୍ଞା ପାରମିତା ସାମନ୍ତ ଡାକ୍ତରୀ ଶିକ୍ଷାର ଅୟମାରମ୍ଭ କାଡାଭାରିକ ଡିସେକ୍‌ସନ ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ଦେଇଥିଲେ।




# ମହିଳାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୦।୧୧ (ମହାଭାରତ): ରାଜଧାନୀରେ ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ଭୁବନେଶ୍ୱର ୟୁନିଟ୍ ୪ ସ୍ଥିତ ରାମପୁର ବସ୍ତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ସ୍ୱର୍ଣ୍ଣଲତା ମହାନନ୍ଦିଆ। ସ୍ୱର୍ଣ୍ଣଲତାଙ୍କୁ ତାଙ୍କ ସ୍ୱାମୀ ତଣ୍ଟିଚିପି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦମ୍ପତିଙ୍କ ଘର ନୟାଗଡ଼ ଅଞ୍ଚଳରେ ବୋଲି ଜଣାଯାଇଛି। ସ୍ୱର୍ଣ୍ଣଲତା ପ୍ରେମ ବିବାହ କରିଥିଲେ। ୩ ମାସ ହେବ ସ୍ୱାମୀଙ୍କ ସହ ଆସି ରାମପୁର ବସ୍ତିରେ ରହୁଥିଲେ। ଆଜି ସକାଳେ ଝୁଲନ୍ତା ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସ୍ତ୍ରୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ କହୁଥିବା ବେଳେ ପ୍ରକୃତରେ କେମିତି ହୋଇଛି ମୃତ୍ୟୁ ତାହା ସ୍ପଷ୍ଟ ହୋଇନାହିଁ।

# ଓଡ଼ିଶାରେ ପ୍ରଥମ ଥର ଆୟୋଜିତ ହେବ 'ଉଭବ'

ଭୁବନେଶ୍ୱର,୧୦।୧୧ (ମହାଭାରତ): ପ୍ରଥମ ଥର ଓଡ଼ିଶା ଆୟୋଜିତ କରିବାକୁ ଯାଉଛି ପଂଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ'। ନଭେମ୍ବର ୧୨ ରୁ ୧୫ ତାରିଖ ଯାଏଁ ଏହି ଜାତୀୟସ୍ତରୀୟ ଉତ୍ସବ ହେବାକୁ ଥିବା ବେଳେ ନ୍ୟାସନାଲ୍ ଏଜୁକେସନ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଂଟ ସହାୟତାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏଥିସହ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ୍, ରାଜ୍ୟମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନୀ ସମାରୋହରେ ସାମିଲ ହେବେ। ତେବେ, ୨୨ ଟି ରାଜ୍ୟରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ର ୧୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ୨୫୦ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ସମାରୋହରେ ସାମିଲ ହେବେ। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପାଳିତ ହେବ। ନୃତ୍ୟ, ସଙ୍ଗୀତ, ଡ୍ରାମା, ଥିଏଟର, ଚିତ୍ରାଙ୍କନ, ଭିଜୁଆଲ୍ ଆର୍ଟ, ବକ୍ତୃତା ଭଳି ୪୭ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହାଫଳରେ ପିଲାମାନେ ପରସ୍ପରର ସଂସ୍କୃତି, ଐତିହ୍ୟ, ଭାଷା, ସାହିତ୍ୟ, ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ। ଅଭିନବ ଏବଂ ସୃଜନଶୀଳ କର୍ମଶାଳାରେ ଯୋଗ ଦେଇ ପିଲାମାନେ ନୂତନ କୌଶଳବିଦ୍ୟା ଶିଖିପାରିବେ। ଏଥିସହିତ ବିଜେତାମାନଙ୍କୁ ପୁରସ୍କୃତ କରାଯିବ ଏବଂ ପ୍ରତ୍ୟେକ ଛାତ୍ରଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଛାତ୍ରମାନଙ୍କୁ ପ୍ରତିଦିନ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ଦିଆଯିବ। ଖାଦ୍ୟର ମେନୁରେ ଭାରତବର୍ଷର ବିଭିନ୍ନ ଖାଦ୍ୟକୁ ଏଠାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଚାରି ଦିନିଆ ଉତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଭାରତବର୍ଷର ବିଭିନ୍ନ ସଂସ୍କୃତିକୁ ପାଳନ କରିବା ପାଇଁ ସୁଯୋଗ ପାଇବେ ଫଳରେ ସେମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହୋଇପାରିବ। ୨୦୧୮ ମସିହାରୁ ଏହି ଉତ୍ସବ ଭାରତର ବିଭିନ୍ନ ରାଜ୍ୟରେ ପାଳନ କରାଯାଉଛି।

# କଳିଙ୍ଗ ମିଡ଼ିଆ ସମ୍ମାନ ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଆଜି ଭୁବନେଶ୍ୱର ସ୍ଥିତ ଗ୍ଲୋବାଲ ଇନଷ୍ଟିଚ୍ୟୁଟ ଅଫ ଇଂଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ କଳିଙ୍ଗ ମିଡ଼ିଆ ସର୍ଭିସେସର ୧୪ତମ ବ୍ୟାଚ ସମାବର୍ତ୍ତନ ଏବଂ କଳିଙ୍ଗ ମିଡ଼ିଆ ସମ୍ମାନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବାର୍ଷିଆନ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଖ୍ୟାତନାମ ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଦୈନିକ ଖବରକାଗଜ ପ୍ରତିଦିନର ସମ୍ପାଦକ ସୁଧୀର କୁମାର ପଣ୍ଡା,ବରିଷ୍ଠ ସାମ୍ବାଦିକ ବାପି ମିଶ୍ର, ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଆଇନଜୀବି ଗୋକୁଳାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମକୁ କଳିଙ୍ଗ ମିଡ଼ିଆର ନିର୍ଦ୍ଦେଶକ ତଥା ସମ୍ପାଦକ ଡ଼. ମହେଶ୍ୱର ଅତିଥିଙ୍କ ପରିଚୟ ଦେଇଥିବା ବେଳେ ସାମ୍ବାଦିକତା ଅଧ୍ୟାପକ ଜ୍ଞାନ ରଞ୍ଜନ ମଲ୍ଲିକ, ଗୋପବନ୍ଧୁ ଦାସ, ଦୀପକ ବରାଳ, ସ୍ନେହାଞ୍ଜଳି ସେଠି, ନମିତା ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ସମାଜରେ ଗଣମାଧ୍ୟମର ଭୂମିକା ଗୋଟିଏ ସାମ୍ବାଦିକର କାର୍ଯ୍ୟଶୈଳୀ ଉପରେ କଳିଙ୍ଗ ମିଡ଼ିଆର ସମସ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ତତ୍ ସହିତ କାର୍ଯ୍ୟକ୍ରମ ବାଲେଶ୍ୱର ରେ କାର୍ଯ୍ୟରତ ସାମ୍ବାଦିକ ସୁମନ ପରିଡ଼ା ,ଭୁବନେଶ୍ୱରର ସାମ୍ବାଦିକ ଡ଼ଃ ମାଧବାନନ୍ଦ ବେହୁରା ,ଶିକ୍ଷାବିତ୍ ସରୋଜ କାନ୍ତ ସାହୁ , ସାମ୍ବାଦିକ ସୁଧୀର କୁମାର ମିଶ୍ର , ଭବାନୀପାଟଣା ସାମ୍ବାଦିକ ସନ୍ତୋଷ ସିଂ ଦେଓ ,ନିଆଳିର ସାମ୍ବାଦିକ ମଧୁସ୍ମିତା ସାହୁ ,ସମାଜସେବୀ ଗଣେଶ ପରିଡ଼ା ,ବ୍ରହ୍ମପୁରର ସାମ୍ବାଦିକ ଅନନ୍ତ ନାରାୟଣ ମହାନ୍ତିଙ୍କୁ କଳିଙ୍ଗ ମିଡ଼ିଆ ସମ୍ମାନ ୨୦୨୪ରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ କଳିଙ୍ଗ ମିଡ଼ିଆରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ସମ୍ମାନିତ କରି ସାମ୍ବାଦିକତା କ୍ଷେତ୍ରରେ ଆଗକୁ ବଢିବା ପାଇଁ ଉତ୍ସାହିତ କରାଯାଇଥିଲା। ଏଥିରେ ଓଡିଶାର ୭୦ ଜଣ ସାମ୍ବାଦିକ ଯୋଗାଯୋଗ ଦେଇଥିଲେ। ଶେଷରେ ନିତୀ ନାୟକ ଧନ୍ୟବାଦ ଦେଇଥିଲେ।



# ଗୁଜରାଟରୁ ଆସିଲା ମିଛଧରା ପରୀକ୍ଷା ରିପୋର୍ଟ

ଭୁବନେଶ୍ୱର,୧୦।୧୧ (ମହାଭାରତ): ଭରତପୁର ଥାନାରେ ପୋଲିସ ଏବଂ ସେନା କର୍ମଚାରୀଙ୍କ ମଧ୍ୟରେ ବିବାଦ ମାମଲା। ଗୁଜରାଟ ଗାନ୍ଧୀନଗର ଫରେନସିକ ଲ୍ୟାବରୁ ଆସିଲା ପଲିଗ୍ରାଫ୍ ରିପୋର୍ଟ। କ୍ରାଇମବ୍ରାଞ୍ଚ ହାତରେ ଲାଗିଲା ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ବ୍ରେନ୍ ମ୍ୟାପିଂ ଓ ନାର୍କୋ ଟେଷ୍ଟ ରିପୋର୍ଟ। ମିଛଧରା ପରୀକ୍ଷା ରିପୋର୍ଟ ଯାଞ୍ଚ ପରେ ପ୍ରକୃତ ଘଟଣା ଉପରୁ ଉଠିବ ପରଦା।

ଅନ୍ୟପଟେ ସବ୍‌ଇନ୍‌ସପେକ୍ଟର ବୈଶାଳିନୀ ନାୟକ, ଏଏସ୍‌ଆଇ ସଲୀଳମୟୀ ସାହୁ, ଏଏସ୍‌ଆଇ ସାଗରିକା ନାଥ ଓ ଏସ୍‌ଆଇ ପ୍ରଶାନ୍ତ ମହାରଣା ପଲିଗ୍ରାଫ ଟେଷ୍ଟ ରିପୋର୍ଟ ମଧ୍ୟ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଥିବା ଜଣାପଡିଛି। ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ୧୪ ତାରିଖ ରାତିରେ ପଟିଆରୁ ଭରତପୁରକୁ ରାତିରେ ଆସୁଥିଲେ। ରାସ୍ତାରେ ୨ଟି କାର୍କୁ ସେ ଓଭରଟେକ୍ କରିଥିଲେ। କାରରେ ଥିବା ଯୁବକମାନେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ଅଟକାଇ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ। ଏନେଇ ରାତିରେ ଭରତପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ ମେଜର ଓ ତାଙ୍କ ବାନ୍ଧବୀ। ତେବେ ସେଠାରେ ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହା ପରେ ଉଭୟଙ୍କୁ ପୁଲିସ ନିର୍ଯ୍ୟାତନା ଦେଇଥିଲା। ଏପରିକି ମେଜରଙ୍କ ବାନ୍ଧବୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଥାନାରେ ଅଭିଯୋଗ କରିବାକୁ ଆସି ପୋଲିସ ଠାରୁ ମାଡ ଖାଇବା ଓ ନିର୍ଯ୍ୟାତନା ଦିଆଯିବା ଅଭିଯୋଗ ହେବା ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଡିଜିପି ୱାଇବି ଖୁରାନିଆ। ଏଥିସହ ୫ ପୋଲିସ ଅଫିସରଙ୍କୁ ଡିଜିପି ନିଲମ୍ବିତ କରିଥିଲେ। ଏହି ମାମଲା ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତା ତଦନ୍ତ ଚାଲିଛି। ବର୍ତ୍ତମାନ ସୁଦ୍ଧା ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ସତ୍ୟପାଠ ଦାଖଲ କରିଥିବା ବେଳେ ୧୦୦ ଅଧିକ ସାଧାରଣ ଲୋକ ମଧ୍ୟ ସତ୍ୟପାଠ କରିଥିବା ସୂଚନା ମିଳିଛି।

# ବିବିଧତାରେ ଏକତା ଭାରତର ବିଶେଷତ୍ୱ

ଭୁବନେଶ୍ୱର,୧୦।୧୧ (ମହାଭାରତ): ରାଜଭବନଠାରେ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ସ୍ଥାପନା ଦିବସ ରାଜ୍ୟପାଳ ରଘୁବର ଦାସଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ହରିଆନା, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ପଂଜାବ, ତାମିଲନାଡୁ, ଚଣ୍ଡିଗଡ଼, ଦିଲ୍ଲୀ, ପୁଡୁଚେରୀ, ଜାମ୍ମୁ ଓ କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷାଦ୍ୱୀପ। ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷ ଏବଂ ରାଜ୍ୟମାନଙ୍କର ସାଂସ୍କୃତିକ ପରିଷଦମାନଙ୍କର ସକ୍ରିୟ ଅଂଶ ଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ ଦାସ ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି କହିବା ସହିତ ବିବିଧତାର ଆମେ ଗୌରବ କରୁ ବୋଲି କହିଥିଲେ। ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ। ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଂଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶ ଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ। ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ଓଡ଼ିଶାରେ ଥିବା ସାଂସ୍କୃତିକ ପରିଷଦର କଳାକାରମାନେ ବିବିଧରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ପରିଷଦ ଓ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥି ଏବଂ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ଉଦ୍‌ବୋଧନ ଦେଇଥିଲେ।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ



## ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା

କାନାଡ଼ାରେ ବସବାସ କରୁଥିବା ଅଧିକାଂଶ ଶିଖ ଧର୍ମାବଲମ୍ବୀ ହେଉଛନ୍ତି ଖଲିସ୍ତାନ ସମର୍ଥକ। ସେମାନଙ୍କୁ ଖୁସି କରିବା ପାଇଁ ସେ ସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି। ତାଙ୍କ ସମୟରେ ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏବେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଭାରତ କାନାଡ଼ାସ୍ଥିତ ନିଜ ଦୂତାବାସରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି। ନୂଆଦିଲ୍ଲୀସ୍ଥିତି କାନାଡ଼ା ଦୂତାବାସର ୬ଜଣ କର୍ମଚାରୀଙ୍କୁ ଭାରତ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। କାନାଡ଼ା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଭାରତ ବିରୋଧରେ ଟ୍ରୁଡୋଙ୍କ ଅଭିଯୋଗର ପ୍ରତିବାଦରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଗତ ବର୍ଷ ଜୁନରେ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଖଲିସ୍ତାନୀ ନେତା ହତ୍ୟାର ଶୀକାର ହୋଇଥିଲେ। ତାଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ରହିଛି ବୋଲି ଟ୍ରୁଡୋ ମୂଳରୁ ଅଭିଯୋଗ କରି ଆସିଛନ୍ତି। କିନ୍ତୁ ଏହାର ପ୍ରମାଣ ଉପସ୍ଥାପନରେ ସେ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହାଁନ୍ତି। ଭାରତ ହେଉଛି ମହାତ୍ମା ଗାନ୍ଧିଙ୍କ ଦେଶ। ଅହିଂସା ହେଉଛି ଏହାର ନୀତି। ଶାନ୍ତି ଏହାର ଆଦର୍ଶ। ବିଶ୍ୱର କୌଣସି ଦେଶରେ ବି ଆତଙ୍କବାଦକୁ ଭାରତ ସମର୍ଥନ କରିନାହିଁ। ଆତଙ୍କବାଦକୁ ବିରୋଧ କରୁଥିବା ଦେଶର ତାଲିକାର ପ୍ରଥମ ସ୍ଥାନରେ ରହିଛି ଭାରତ। ସ୍ୱାଧୀନତା ପରଠାରୁ ଭାରତ ସବୁ ବେଳେ ଆତଙ୍କବାଦ ବିରୋଧରେ ସଂଘର୍ଷ କରିଆସୁଛି। ଭାରତ ଏକ ସଭ୍ୟ, ଗଣତାନ୍ତ୍ରିକ ରାଷ୍ଟ୍ର। ଏହାକୁ ପାକିସ୍ତାନ ସହ ତୁଳନା କରାଯିବା ଅନୁଚିତ। ଜଷ୍ଟିନ ଟ୍ରୁଡୋ ଏହା ଭଲଭାବେ ଜାଣିଛନ୍ତି। ଏହା ସତ୍ତ୍ୱେ କେବଳ ଭାରତକୁ ନିନ୍ଦିତ କରିବା ଏବଂ ସମାଲୋଚନା କରିବା ପାଇଁ ସେ ବାରମ୍ବାର ନିଜ୍ଜର ଭଳି ଏକ ଆତଙ୍କବାଦୀର ହତ୍ୟା ପାଇଁ ଭାରତକୁ ଦୋଷ ଦେଇ ଆସୁଛନ୍ତି। ନିଜ୍ଜରର ହତ୍ୟା କାନାଡ଼ାରେ ହୋଇଛି। ହତ୍ୟାକାରୀ କାନାଡ଼ାର ବାସିନ୍ଦା ହୋଇଥାଇପାରନ୍ତି। ଏହାର ଅନୁସନ୍ଧାନ କରି ହତ୍ୟାକାରୀକୁ ଧରିବା ଏବଂ ଦଣ୍ଡିତ କରିବା ହେଉଛି କାନାଡ଼ା ପୋଲିସର କାର୍ଯ୍ୟ। ଏଥିରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ଅପରାଧୀକୁ ଧରିବାରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ଏହା ଭାରତର କାମ ନୁହେଁ। ନିଜ ବିଫଳତାକୁ ଲୁଚାଇବା ପାଇଁ ଟ୍ରୁଡୋ ଭାରତ ମୁଣ୍ଡରେ ଅଠା ବୋଳିବା ଦୁର୍ଭାଗ୍ୟଜନକ। ଭାରତରେ ଅନେକ ହତ୍ୟାକାଣ୍ଡ ହେଉଛି। ଅନେକ ହତ୍ୟା ପଛରେ ବିଦେଶୀ ଶକ୍ତି ବା ଆତଙ୍କବାଦୀଙ୍କ ହାତ ରହୁଛି। କିନ୍ତୁ ଭାରତ ସବୁ ବେଳେ ଅପରାଧୀକୁ ନିଜ ତଦନ୍ତକାରୀ ସଂସ୍ଥା ମାଧ୍ୟମରେ ଧରୁଛି ଏବଂ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡିତ କରୁଛି। ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ରାଜୀବ ଗାନ୍ଧିଙ୍କ ହତ୍ୟା, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂହଙ୍କ ହତ୍ୟା ପାଇଁ ଭାରତ କେବେ ପଡ଼ୋଶୀ ଦେଶକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନାହିଁ। ଅଶୀ ଦଶକରେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆର ବିମାନ କନିଷ୍କ ଆଟଲାଣ୍ଟିକ ମହାସାଗର ଉପରେ ବିସ୍ଫୋରଣରେ ଉଡ଼ିଗଲା। ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେ। ଏଥିରେ କାନାଡ଼ାରେ ଷଡ଼ଯନ୍ତ୍ର ହୋଇଥିଲା ଏବଂ କାନାଡ଼ାର ଅଧିବାସୀ ଖଲିସ୍ତାନୀ ମାନେ ଯୋଜନା କରିଥିଲେ। କିନ୍ତୁ ଭାରତର ପ୍ରତିବାଦ ଏବଂ ପର୍ଯ୍ୟାପ୍ତ ପ୍ରମାଣ ଉପସ୍ଥାପନ ସତ୍ତ୍ୱେ କାନାଡ଼ା ସରକାର ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। କାନାଡ଼ାରେ ଖଲିସ୍ତାନୀ ସମର୍ଥକମାନେ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ଦିବସକୁ ଉତ୍ସବ ଭାବେ ପାଳନ କରୁଛନ୍ତି। ଏହା କ'ଣ ଟ୍ରୁଡୋଙ୍କୁ ଦେଖାଯାଉନି ?

# "ପତିତପାବନ ନାମଟି ଯା'ର

॥ ବିଷ୍ଣୁରଞ୍ଜନ ପାଣିଗ୍ରାହୀ ॥

ହିନ୍ଦୁ ବିଶ୍ୱାସ କ୍ରମେ ବା ଅର୍ଥ ବାୟୁ ନା ଅର୍ଥ ନାବ ବାନା ଅର୍ଥାତ୍ ବାତ ବା ବାୟୁ ଆନ୍ଦୋଳିତ ନାବ। ସଂସାର ସାଗରରୁ ମନୁଷ୍ୟ ମୁକ୍ତିଲାଭ କରିବା ନିମନ୍ତେ ନାବଟିଏ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଏ। ମନ୍ଦିର ନିର୍ମାଣ ଶୈଳୀ ଅନୁସାରେ ମନ୍ଦିରର ଚୂଡ଼ାରେ ଦେବତାଙ୍କ ଆୟୁଧ ସ୍ଥାନିତ ହେବା ସ୍ୱାଭାବିକ। ଆୟୁଧ ନୀଳଚକ୍ରଙ୍କ ଶୀର୍ଷରେ ପତିତପାବନ ପତାକା ଶ୍ରୀମନ୍ଦିର ଚୂଡ଼ାରେ ଉଡିବା ଆହୁରି ଅଧିକ ତାତ୍ପର୍ଯ୍ୟକୁ ବହନ କରିଥାଏ। କାରଣ ଅନ୍ୟ କ୍ଷେତ୍ରଗୁଡ଼ିକୁ ମାଗୁଣି କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଥିବାବେଳେ ଶ୍ରୀକ୍ଷେତ୍ରକୁ ମୁକ୍ତିକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଅଛି।

ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଯେଉଁ ସ୍ୱର୍ଗୀୟ ତୃପ୍ତି ଅନୁଭବ ହୁଏ ତାର ଆୟମାରମ୍ଭ ହୋଇଥାଏ ପୁରୀଠାରୁ ୫ କିମି ପୂର୍ବରୁ ରହିଥିବା ମାଳତିପାଟପୁର ଗାଁଠାରୁ। ମାଳତିପାଟପୁର ଅତିକ୍ରମ କରିଯିବା ପରେ ବାରମ୍ବାର ଆଖି ପୂର୍ବ ଭାଗକୁ ଚାଲିଯାଉଥାଏ। ନଡ଼ିଆ, ତାଳ, ଝାଉଁ, ଆମ୍ବ ବିବିଧ ବୃକ୍ଷରାଜିଙ୍କର ସବୁଜ ଆଡୁଆଳରୁ ସତେ ଦିଶିଯିବ କି ସେଇ ଧ୍ୱଜାବର। ଯାହାର ଦର୍ଶନ ମାତ୍ରକେ ପାତକୀର ପାପ ଧ୍ୱଂସ ହୋଇଯାଏ। ସାଧାରଣ ହୃଦୟରେ ଭକ୍ତିର ପ୍ଲାବନ ଘଟିଥାଏ। ପାପ ପଙ୍କରେ ପଡ଼ି ଅଣନିଶ୍ୱାସୀ ହେଉଥିବା ଜୀବନକୁ ଆଶ୍ୱସ୍ତ କରୁଥିବା ପତିତପାବନ ବାନାର ଦର୍ଶନ ହୋଇଯିବ କି ? ଶ୍ରୀକ୍ଷେତ୍ରର ଆଧାର ଶ୍ରୀମନ୍ଦିର ଶ୍ରୀମନ୍ଦିରର ଆଧାର ନୀଳଚକ୍ର। ନୀଳଚକ୍ର ଉପରେ ଅବିରତ ଫର ଫର ହୋଇ ଉଡୁଥାଏ ପତିତପାବନ ବାନା। ଧ୍ୱଜା ବା ପତାକା କେବଳ ଭାରତୀୟମାନଙ୍କ ଦ୍ୱାରା କାହିଁକି ସମଗ୍ର ବିଶ୍ୱରେ ଧ୍ୱଜା, ପତାକା ଫ୍ଲାଗ ଏକ ପ୍ରତୀକ ଭାବରେ ବହୁ ପ୍ରାଚୀନ କାଳରୁ ଆଦୃତ। ଆମ ଇତିହାସରେ ରାଜାମାନେ ନିଜ ରାଜ୍ୟରେ ନିଜ ବଂଶର ଚିହ୍ନଯୁକ୍ତ ପତାକାକୁ ନିଜ ଅଧିକାରର ପ୍ରତୀକ ଭାବରେ ଗ୍ରହଣ କରୁଥିଲେ। ମହାଭାରତ ବର୍ଣ୍ଣିତ ଅର୍ଜୁନଙ୍କର ରଥରେ ଉଡୁଥିବା ପତାକାର ନାମ ଥିଲା କପିଧ୍ୱଜ। ସୂର୍ଯ୍ୟବଂଶୀ ରାଜାମାନେ ସୂର୍ଯ୍ୟଙ୍କର ଚିହ୍ନ ଥାଇ ଅର୍କଧ୍ୱଜ ପତାକାର ବ୍ୟବହାର କରୁଥିବାର ମଧ ବିବିଧ ବର୍ଣ୍ଣନା ଦେଖିବାକୁ ମିଳେ। ପରକୁ ଶ୍ରୀମନ୍ଦିର ଚୂଡ଼ାରେ ଉଡୁଥିବା ପତାକା କେଉଁ ପ୍ରତୀକ ବହନ କରେ ଓ ଏହାର ନାମକରଣର ଯଥାର୍ଥତା କ'ଣ ହୋଇପାରେ ? ଓଡ଼ିଆ କାବ୍ୟ କବିତାରେ ଶ୍ରୀନୀଳଚକ୍ର ଉପରେ ଉଡୁଥିବା ପତାକାକୁ କବିମାନେ ବିବିଧ ନାମରେ ସମ୍ବୋଧନ କରିଛନ୍ତି। ଷୋଡ଼ଶ ଶତାବ୍ଦୀର ମାଧବୀ ଦାସୀ ଏହି ପତାକାକୁ ଅପାର ମହିମା କେତନ ଭାବରେ ବର୍ଣ୍ଣନା କରିବା ବେଳେ ଅଚ୍ୟୁତାନନ୍ଦ ଦାସଙ୍କ ଭାଷାରେ ଏ ନେତ ଆରତ ତାରଣ ବାନା। ଷୋଡ଼ଶ ସପ୍ତଦଶ ଶତାବ୍ଦୀର ଯବନ କବି ସାଲବେଗଙ୍କୁ ଏହି ବାନା ଅବଧୂତ ବାନା ଭାବରେ ପ୍ରତୀତ ହେବାବେଳେ ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀର ରସକଲ୍ଲୋଳର କବି ଦୀନକୃଷ୍ଣ ଏହି ନେତଙ୍କୁ ଭକ୍ତବତ୍ସଳ ବାନା ନାମରେ ସମ୍ବୋଧନ କରିଛନ୍ତି। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଅଷ୍ଟାଦଶ ଶତାବ୍ଦୀରେ ଆତଙ୍କ ନାଶନ ବାନା ନାମରେ ନୀଳଚକ୍ର ପତାକାକୁ ସମ୍ବୋଧିତ କରିବା ବେଳେ କବି ଯଦୁମଣି ଏହାକୁ ପାପୀ ପାବନ ଫଡ଼କା ନାମରେ ବର୍ଣ୍ଣନା କରିଛନ୍ତି।

ତେବେ ଉନ୍ନବିଂଶ ଶତାବ୍ଦୀର ଭକ୍ତକବି ଗୌର ଚରଣଙ୍କର ନୀଳଚକ୍ର ହେ ଦେଖ ଉଡୁଛି ବାନା ପତିତପାବନ ନାମଟି ଯାର ନାଁ ବର୍ଣ୍ଣନାର ଆଳରେ ପତିତପାବନ ବାନା ସମ୍ବୋଧନଟି ବହୁ ଜନପ୍ରିୟ ସମ୍ବୋଧନ। ସାରଳା ମହାଭାରତରେ ବଡ଼ ଦେଉଳେ ବସିଛ ହୋଇ ବଜ୍ରସେନା, ପତିତପାବନ ବୋଲି ଉଡ଼ାଉଛ ବାନା ପଦଟି ମଧ୍ୟ ଶ୍ରୀମନ୍ଦିର ଚୂଡ଼ାର ପତାକାକୁ ପତିତପାବନ ବାନା ନାମରେ ସମ୍ବୋଧିତ କରି ଏହାର ଗୁରୁତ୍ୱକୁ ବୃଦ୍ଧି କରିଛି। ସମ୍ବୋଧନର ସାମଗ୍ରିକ ତତ୍ତ୍ୱକୁ ଲକ୍ଷ୍ୟ କଲେ ଜାଣି ହେବ ଏ ଧ୍ୱଜା ଏକ କନା ପ୍ରସ୍ତୁତ ପତାକା ମାତ୍ର ନୁହେଁ। ଏହି ଧ୍ୱଜାରେ ଦେବତ୍ୱ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସକଳ ମହିମା ଏହି ଧ୍ୱଜା ବହନ କରି ନୀଳଚକ୍ର ଉପରେ ଉଡୁଛି।

ହିନ୍ଦୁ ବିଶ୍ୱାସ କ୍ରମେ ବା ଅର୍ଥ ବାୟୁ ନା ଅର୍ଥ ନାବ ବାନା ଅର୍ଥାତ୍ ବାତ ବା ବାୟୁ ଆନ୍ଦୋଳିତ ନାବ। ସଂସାର ସାଗରରୁ ମନୁଷ୍ୟ ମୁକ୍ତିଲାଭ କରିବା ନିମନ୍ତେ ନାବଟିଏ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଏ। ମନ୍ଦିର ନିର୍ମାଣ ଶୈଳୀ ଅନୁସାରେ ମନ୍ଦିରର ଚୂଡ଼ାରେ ଦେବତାଙ୍କ ଆୟୁଧ ସ୍ଥାନିତ ହେବା ସ୍ୱାଭାବିକ। ଆୟୁଧ ନୀଳଚକ୍ରଙ୍କ ଶୀର୍ଷରେ ପତିତପାବନ ପତାକା ଶ୍ରୀମନ୍ଦିର ଚୂଡ଼ାରେ ଉଡିବା ଆହୁରି ଅଧିକ ତାତ୍ପର୍ଯ୍ୟକୁ ବହନ କରିଥାଏ। କାରଣ ଅନ୍ୟ କ୍ଷେତ୍ରଗୁଡ଼ିକୁ ମାଗୁଣି କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଥିବାବେଳେ ଶ୍ରୀକ୍ଷେତ୍ରକୁ ମୁକ୍ତିକ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଅଛି। ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟ କ୍ଷେତ୍ରରେ ଭକ୍ତ ବା ଆଶ୍ରିତ ଦେବତାଙ୍କୁ ଧର୍ମ, ଅର୍ଥ, କାମ ପାଇଁ ପ୍ରାର୍ଥନା କରିଥାଏ। ପରନ୍ତୁ ଶ୍ରୀକ୍ଷେତ୍ରରେ ମୁକ୍ତି ଭିକ୍ଷା କରାଯାଏ। ଏଥିପାଇଁ ବୋଧହୁଏ ଶ୍ରୀମନ୍ଦିର ଚୂଡ଼ାର ପତାକା ପତିତପାବନ ନାମକୁ ସାର୍ଥକ ଭାବରେ ବହନ କରୁଛି। ଶ୍ରୀକ୍ଷେତ୍ରରଜଳରେ ସ୍ଥଳରେ ଆକାଶରେ ପ୍ରତ୍ୟେକ ସ୍ଥାନରେ ମୁକ୍ତି ବା ମୋକ୍ଷର ସମ୍ଭାବନା ରହିଛି। ଯାହା କି ଆମର ପୌରାଣିକ ବର୍ଣ୍ଣନାର ତଥ୍ୟ। ସଂସାରର ପତିତମାନଙ୍କ ପାଇଁ ମୁକ୍ତିର ବାତପୋତ ଭାବରେ ଶ୍ରୀକ୍ଷେତ୍ର ଆକାଶ ମଣ୍ଡଳକୁ ସେଥିପାଇଁ ବୋଧହୁଏ ପତିତପାବନ ବାନା ଜଗି ରହିଛି। ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରର ଶ୍ରେଷ୍ଠ ଆକର୍ଷଣ ଭାବରେ କୋଶ କୋଶ ଦୂରରୁ ଭକ୍ତମାନଙ୍କୁ ଆକର୍ଷିତ କରି କ୍ଷେତ୍ର ଆଡ଼କୁ ଟାଣି ଆଣୁଛି। ପତିତପାବନ ପତାକାର ନିର୍ମାଣ ଶୈଳୀ ସ୍ୱତନ୍ତ୍ର। ଏହି ପତାକାରେ ମାତ୍ର ତିନିଟି ରଙ୍ଗର କନା ବ୍ୟବହୃତ ହୋଇଥାଏ ଯଥା, ଧଳା, ନାଲି ଓ ହଳଦିଆ। ପତିତପାବନ ପତାକାର କେନ୍ଦ୍ରରେ ଏକ ଚନ୍ଦ୍ର ବିନ୍ଦୁ ଚିହ୍ନ ରହିଛି। ଅନେକ ଏହାକୁ ପ୍ରଣବ ସଙ୍କେତ ଚନ୍ଦ୍ରବିନ୍ଦୁ ବା ବ୍ରହ୍ମବିନ୍ଦୁ ଭାବରେ ଗ୍ରହଣ କରୁଥିବାବେଳେ ଅନେକ ମତ ଦିଅନ୍ତି, ଏହି ଚନ୍ଦ୍ରଟି ଚନ୍ଦ୍ରଙ୍କର ପ୍ରତୀକ ହୋଇଥିବା ବେଳେ ବିନ୍ଦୁଟି ସୂର୍ଯ୍ୟଙ୍କର ପ୍ରତୀକ। ଅନ୍ୟ କେତେକ ଗବେଷକ ମଧ ମତ ରଖନ୍ତି, ଯବନ ଓ ବର୍ବରମାନଙ୍କ ଆକ୍ରମଣ କାଳରୁ ମୂଳ ପତାକା ପରିବର୍ତ୍ତିତ ହୋଇ ଏହି ସଙ୍କେତର ଅବସ୍ଥିତ। ଅର୍ଥାତ୍ ଏହି ଚିହ୍ନଟି ମୁସଲମାନ ଧର୍ମର ଚିହ୍ନ। ତେବେ ଲୋକବିଶ୍ୱାସ ଓ ଜନାଦୃତ ମଧ୍ୟରେ ଏହି ପ୍ରତୀକ ଚିହ୍ନ ଚନ୍ଦ୍ର ଓ ବ୍ରହ୍ମବିନ୍ଦୁ ଏବଂ ସୂର୍ଯ୍ୟଚନ୍ଦ୍ରଙ୍କର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଶ୍ରୀଜଗନ୍ନାଥଙ୍କୁ ଅନେକ କ୍ଷେତ୍ରରେ ପତିତପାବନ ବୋଲି ସମ୍ବୋଧନ କରାଯାଏ। ଶ୍ରୀମନ୍ଦିର ଗୁମ୍ଫକୁଟରେ ଶ୍ରୀଜଗନ୍ନାଥଙ୍କର ଏକ ବିଗ୍ରହ ପତିତପାବନ ନାମ ବହନ କରି ଶ୍ରୀମନ୍ଦିରକୁ ପ୍ରବେଶ ନିମନ୍ତେ ବାରଣ ଥିବା ଆଶ୍ରିତମାନଙ୍କୁ ଦର୍ଶନ ହେଉଛନ୍ତି। ପରନ୍ତୁ ଅନେକ ତତ୍ତ୍ୱଦର୍ଶୀ ମତ ପ୍ରକାଶ କରନ୍ତି, ପତିତପାବନ ଭାବ ଶ୍ରୀଜଗନ୍ନାଥ ସଂସ୍କୃତି ପରି ପ୍ରାଚୀନ ନୁହେଁ। ନିକଟ ଅତୀତରେ ଏହି ଭାବର ନ୍ୟାସ ଘଟିଛି କାରଣ ପ୍ରାଚୀନ ଦେବତା ଶ୍ରୀଜଗନ୍ନାଥଙ୍କର ଆଶ୍ରିତ ନିଜକୁ ପତିତ ଭାବରେ ଜ୍ଞାନ କରନ୍ତି ନାହିଁ ପରନ୍ତୁ ପ୍ରଚ୍ଛନ୍ନ ସାକ୍ଷ୍ୟ ଭାବ ଏହି ସଂସ୍କୃତିରେ ଦେଖିବାକୁ ମିଳେ। ଦେବତାଙ୍କ ସହ ଏକାତ୍ମତା ଏହି ସଂସ୍କୃତିରେ ଦେଖିବାକୁ ମିଳେ। ବୈଦିକ ଆପ୍ତବାକ୍ୟ 'ଅହଂବ୍ରହ୍ମାସ୍ମି'ର ଅନୁଭବ ଏହି କ୍ଷେତ୍ରର ଆଶ୍ରିତମାନଙ୍କ ମଧ୍ୟରେ ଥାଏ। ଏଠାରେ ଗ୍ରହଣ କରାଯାଇପାରେ ଜାତିପତିତ ବା କର୍ମପତିତ ଭାବରେ ବିବେଚନା କରା ନଯାଇ ସଂସାର ପତିତ ଆତ୍ମା ବା ମନୁଷ୍ୟର ଉର୍ଦ୍ଧ୍ୱଗତି ନିମନ୍ତେ ପ୍ରଭୁଙ୍କୁ ପତିତପାବନ ନାମରେ ସମ୍ବୋଧନ କରାଯାଇଅଛି।

ତେବେ ବାନାର ନାମ ପତିତପାବନ ଏବଂ ଏଥିରେ ବ୍ୟବହୃତ ଚନ୍ଦ୍ରବିନ୍ଦୁ ସଙ୍କେତଟି କାହିଁକି ? ମହାଦେବତା ପୁସ୍ତକରେ ଲେଖକ ଶ୍ରୀ ଆଶୁତୋଷ ପଟ୍ଟନାୟକ ବର୍ଣ୍ଣନା କରିଛନ୍ତି, ଶ୍ରୀ ଜଗନ୍ନାଥ ହେଉଛନ୍ତି ଚନ୍ଦ୍ର ଦେବତା ଓ ଶ୍ରୀମନ୍ଦିର ଚୂଡ଼ାରେ ଥିବା ଚନ୍ଦ୍ରବିନ୍ଦୁ ସୁମେରୀୟମାନଙ୍କ ଉପାସ୍ୟ ଚନ୍ଦ୍ର ଦେବତାଙ୍କର ପ୍ରତୀକ ଓ ବିନ୍ଦୁଟି ତାଙ୍କ ପୁତ୍ର ସୂର୍ଯ୍ୟ। ବେଦ, ବାଇବେଲ ପୁସ୍ତକରେ ଡ.ଉମେଶ ପତ୍ରୀ ଏହି ଚନ୍ଦ୍ରବିନ୍ଦୁକୁ ମୁସଲମାନ ଧର୍ମର ପ୍ରତୀକ ଚନ୍ଦ୍ରତାରାର ପରିବର୍ତ୍ତିତ ରୂପ ବୋଲି କହିଛନ୍ତି। ଶ୍ରୀ ପତ୍ରୀଙ୍କ ମତରେ, ଚନ୍ଦ୍ର ତାରକା ପ୍ରତୀକଟିକୁ ସଂପ୍ରତି ପ୍ରଣବର ଚନ୍ଦ୍ରବିନ୍ଦୁ ରୂପେ ଗ୍ରହଣ କରାଯାଇଛି।

# ଦେହ ଜଗତ ଦେହୀ ଜଗନ୍ନାଥ

॥ ଅଭୟ କୁମାର ଦାସ ॥

ଯେତେ ମତ ସେତେ ପଥ। ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ। ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି। ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ। ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ। ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ। ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ। ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ। ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି। କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ୍ୟ କିଛି ଦେଖିପାରୁନାହିଁ। ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ। ସେ ଆତ୍ମା ରୂପରେ ରହିଛନ୍ତି। ବହିର୍ଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ। ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ।

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ।

ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ସମୟର ମୂଲ୍ୟ ଦିଏ, ସୁଖ ଓ ସମୃଦ୍ଧି

॥ ବିଚିତ୍ରାନନ୍ଦ ପ୍ରଧାନ ॥

ମନୁଷ୍ୟର ଜୀବନ କାଳ ସୀମିତ । ସମୟର ଗତି ଅତି ଦ୍ରୁତ । ମହା ମୂଲ୍ୟବାନ ସମୟ କାହାରି ପାଇଁ ଅପେକ୍ଷା କରେ ନାହିଁ । ସମୟ ଆମର ଅନୁବର୍ତ୍ତୀ ନୁହେଁ, ଆମକୁ ସମୟର ଅନୁବର୍ତ୍ତୀ ହେବାକୁ ପଡିବ । ତେଣୁ ପ୍ରବାଦ ଅଛି "ସମୟ ଓ ସ୍ରୋତ କାହାରି ପାଇଁ ଅପେକ୍ଷା କରେ ନାହିଁ । ଆମ ମାନଙ୍କର ନିର୍ଦ୍ଧାରିତ ଆୟୁଷ ମଧ୍ୟରେ ସମୟର ମୂଲ୍ୟ ଯେ କେତେ ବେଶୀ, ତାହା ବିବେକୀ ମନୁଷ୍ୟ ହିଁ କେବଳ ହୃଦୟଙ୍ଗମ କରି ପାରିବେ । ଅତୀତ ଯୁଗରେ ଲୋକମାନେ ଦିନରେ ସୂର୍ଯ୍ୟ ଓ ରାତ୍ରୀକାଳରେ ଚନ୍ଦ୍ର ଦେଖି ସମୟ ଜାଣି ପାରୁଥିଲେ । ନିଜର ଛାଇ ଦେଖି ମଧ୍ୟ ଦିନରେ ସମୟ ଅନୁମାନ କରୁଥିଲେ । କାଳକ୍ରମେ ବିଜ୍ଞାନର ସହାୟତାରେ ସମୟ ଜାଣିବା ପାଇଁ ଘଣ୍ଟାର ଉଦ୍ଭାବନ ହେଲା । ଏହା ଦ୍ୱାରା ଛାତ୍ର ମାନେ ଘଣ୍ଟା ଦେଖି ସ୍କୁଲକୁ ଯାଉଥିଲେ ଓ ସରକାରୀ ଓ ବେସରକାରୀ କର୍ମଚାରୀ ମାନେ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଚିଂବା ପାଇଁ ଘଣ୍ଟାର ସହାୟତା ନେଉଥିଲେ । ସକାଳରେ ଶଜ୍ୟାତ୍ୟାଗ, ବିଦ୍ୟାଭ୍ୟାସ ଭୋଜନ ଓ ଶୟନ ଯଥା ସମୟରେ ସଂପାଦନ କରିବା ପାଇଁ ଘଣ୍ଟା ଆମକୁ ସମୟ ସୁଚେଇ ଦିଏ । ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଠିକ୍ ସମୟରେ ଆରମ୍ଭ ଓ ଠିକ୍ ସମୟରେ ଶେଷ କରିବା ଉଚିତ ଅଟେ । ଏହା ହିଁ ସମୟାନୁବର୍ତ୍ତିତା, ଯେଉଁ ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ, ସେ କେବେ ମୂଲ୍ୟବାନ ସମୟର ସଦୁପଯୋଗ କରିପାରିବ ନାହିଁ । ସେଥିପାଇଁ ମନୁଷ୍ୟଠାରେ ନିଷ୍ଠା ଓ ଦୃଢ ମନୋବଳ ରହିବା ଦରକାର ।ସମୟର ସଦ୍ ବ୍ୟବହାର କରିବା ପାଇଁ ବାର ମ୍ବାର ଅଭ୍ୟାସ ଦ୍ୱାରା ତାହା କ୍ରମଶଃ ନିଜ ପ୍ରକୃତିର ଅଙ୍ଗୀଭୂତ ହୋଇଯିବ, ଆଉ କୌଣସି କଷ୍ଟ କିମ୍ବା ଅସୁବିଧା ଅନୁଭୂତ ହେବ ନାହିଁ । କିନ୍ତୁ ଦୁଃଖର କଥା କେତେକ ବ୍ୟକ୍ତି ସମୟର ଅପବ୍ୟବହାର କରୁଛନ୍ତି, ଯଦ୍ୱାରା ସେମାନେ ନିଜର କ୍ଷତି କରୁଛନ୍ତି । ନିଜର ଆତ୍ମ ବିଶ୍ୱାସ ଓ ଆତ୍ମବଳ ହରାଇ ବସୁଛନ୍ତି । ଜୀବନକୁ ସରସ ସୁନ୍ଦର କରିବା ପାଇଁ ସମୟକୁ ବୃଥାରେ ଯିବାକୁ ନ ଦେବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ହେବା ଉଚିତ୍ । ମନୁଷ୍ୟ ଆତ୍ମନିର୍ଭରଶୀଳ ହେବା ପାଇଁ ଯେତେ ଗୁଡିଏ ସୁଗୁଣ ଆବଶ୍ୟକ ତନ୍ମଧ୍ୟରୁ ସମୟାନୁବର୍ତ୍ତିତା ଅନ୍ୟତମ । ଏହା ଆମ୍ଭମାନଙ୍କର ବହୁ ମୂଲ୍ୟବାନ ସମୟର କୌଣସି ଅଂଶକୁ ନଷ୍ଟ କରିବାକୁ ଦିଏ ନାହିଁ । ସଞ୍ଚିତ ସମୟରେ ବ୍ୟକ୍ତି ଅଧିକ ଜ୍ଞାନ ଓ ଧନ ଅର୍ଜନ କରିବାରେ ସକ୍ଷମ ହୁଏ । ଦୈନନ୍ଦିନ ଜୀବନ ଯାତ୍ରାରେ ସମୟାନୁବର୍ତ୍ତିତା ପାଳନ କଲେ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ଅତୁଟ ରହେ । ଠିକ୍ ସମୟରେ ଆବଶ୍ୟକୀୟ କାର୍ଯ୍ୟ ଦ୍ୱାରା ମନୁଷ୍ୟ ସୁଖ ଓ ସମୃଦ୍ଧି ଲାଭ କରେ ଓ ତାହାର ଜୀବନ ଧନ୍ୟ ହୁଏ । କୃଷି ଓ ଶିଳ୍ପ ଆଦି କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ନ କରାଗଲେ ଗୁରୁତର କ୍ଷତି ସହିବାକୁ ପଡେ । ଶସ୍ୟ କ୍ଷେତ୍ରରେ ଉପଯୁକ୍ତ ସମୟରେ ଜଳସେଚନ ଓ ସାର ପ୍ରୟୋଗ ନ କରାଗଲେ କୃଷକର ବହୁ ପରିଶ୍ରମର ଫସଲ ନଷ୍ଟ ହୋଇଯାଏ । ଭୋଜନ ଓ ଶୟନ ସମୟାନୁସାରେ ନ କରାଗଲେ କ୍ରମଶଃ ସ୍ୱାସ୍ଥ୍ୟ ହାନି ଘଟିଥାଏ । ଏହାଦ୍ୱାରା ରୋଗ ସୃଷ୍ଟି ହୋଇ ମନୁଷ୍ୟ ଅକାଳରେ ମୃତ୍ୟୁବରଣ କରିଥାଏ । ସମୟର ସଦୁପଯୋଗ ନକଲେ କର୍ମ କ୍ଷେତ୍ରରେ ମନୁଷ୍ୟର ଦକ୍ଷତା ହ୍ରାସ ପାଏ । ସମୟ ମୂଲ୍ୟବାନ ଏହାର ଅପବ୍ୟବହାର କରିବା ଦ୍ୱାରା ମଣିଷ ଦୁଃଖ ପାଏ, ମାନସିକ ସ୍ଥିରତା ହରାଇ ଥାଏ । ନିଜର ମନବଳ କ୍ରମଶଃ କମିଯାଏ । ନିଜେ ଆତ୍ମନିର୍ଭରଶୀଳ ହୋଇ ପାରେ ନାହିଁ । ମନବଳ ଓ ନୈତିକ ଶକ୍ତି ଅଭାବରୁ ସେ ଦୁଃଖ ଓ ଅଶାନ୍ତିରେ କାଳତିପାତ କରେ । ସେହିଭଳି ବ୍ୟକ୍ତି ମାନଙ୍କର ସଂଖ୍ୟା ବୃଦ୍ଧି ହେଲେ ସମାଜର ଅଧଃପତନ ଘଟେ ଓ ଦେଶର ପ୍ରଗତି ଓ ବିକାଶ ବାଧାପ୍ରା ପ୍ତ ହୁଏ ।

ବଡ ବଡ ଯୋଦ୍ଧା ଶାସକ, ରାଜନୀତିଜ୍ଞ ଓ ପଣ୍ଡିତମାନେ ସେମାନଙ୍କର ଉନ୍ନତି ମୂଳରେ ସମୟାନୁବ ତାକୁ ଭି ରୂପେ ସ୍ଥାପନ କରିଥିଲେ । ମହାବୀର ଆଲେକ୍‌ଜାଣ୍ଡାର, ନେପୋଲିୟନ ବୋନାପାର୍ଟ ପରି ବୀରମାନେ ସମୟର ମୂଲ୍ୟକୁ ପ୍ରଧାନ ନୀତି ରୂପେ ଗ୍ରହଣ କରିଥିଲେ । ବଡ ବଡ ଯୋଦ୍ଧା ଯୁଦ୍ଧ ସମୟରେ ମଧ୍ୟ ସମୟାନୁବର୍ତ୍ତିତା ବଳରେ ସମୟ ବାହାର କରି କାବ୍ୟକବିତା, ସାହିତ୍ୟ ପାଠ କରିବା ପାଇଁ ସକ୍ଷମ ହୋଇ ପାରୁଥିଲେ । ଆମ ଦେଶର ଯେଉଁ ବ୍ୟକ୍ତିମାନେ ଉନ୍ନତିର ତୁଙ୍ଗ ଚୂଡାରେ ପ୍ରତିଷ୍ଠିତ ହୋଇପାରିଛନ୍ତି ସେମାନଙ୍କ ଉନ୍ନତି ମୂଳରେ ସମୟାନୁବର୍ତ୍ତିତା, ଦୃଢ ଇଚ୍ଛାଶକ୍ତି ଓ ସଶ୍ରମ ଉଦ୍ୟମ ମୂଳକ କର୍ମ ପ୍ରବାହ ରହିଛି । ମହାମାନବ ମହାତ୍ମାଗାନ୍ଧି ଅବସର ସମୟରେ ଅରଟରେ ସୂତା କାଟୁଥିଲେ ।

ସେକ୍ଟର-୯, ସି.ଡି.ଏ କଟକ, ଦୂରଭାଷ – ୯୯୩୭୨୨୪୦୮୫,

# ଖଡ଼ିଆଳ ମହୋତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ଅଞ୍ଚଳର ଲୋକ କଳା, ଲୋକ ସାହିତ୍ୟ ଓ ଲୋକ ପରମ୍ପରାର ପୁନଃରୁଦ୍ଧାର ପାଇଁ ପାଳନ ହୋଇ ଆସୁଛି ଖଡ଼ିଆଳ ମହୋତ୍ସବ । ଚଳିତ ବର୍ଷ ଏହି ମହୋତ୍ସବ ୧୯ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଚଳିତ ବର୍ଷ ଖଡ଼ିଆଳ ମହୋତ୍ସବ ୨୦୨୫ ପାଳନ ନେଇ ଶନିବାର ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସର ପ୍ରସ୍ତୁତି ବୈଠକ ମହୋତ୍ସବ ପାଳନ କମିଟିର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଥିବାବେଳେ ଆୟୋଜକ କମିଟି ସମ୍ପାଦକ ସୁନୀଲ କୁମାର ସାହୁ ଗତ ୨୦୨୪ ମହୋତ୍ସବ ପାଳନର ସଫଳତା ସାଙ୍ଗକୁ ଆୟବ୍ୟୟ ଉପରେ




ସୂଚନା ଦେବା ପରେ ଆଗାମୀ ୨୦୨୫ ମହୋତ୍ସବ ପାଳନର ରୂପରେଖ ଉପରେ ଆଲୋଚନା ହୋଇଥିଲା । ଏହି ମହୋତ୍ସବ ପ୍ରତିବର୍ଷ ଜାନୁଆରୀ ମାସରେ ପାଳନ ହୋଇଆସୁଥିବାବେଳେ ଚଳିତ ବର୍ଷ ବୈଠକରେ ଆସନ୍ତା ଫେବୃଆରୀ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ ମହୋତ୍ସବକୁ ସଫଳତାର ସହ ଆୟୋଜନ କରିବା ପାଇଁ ଏକ ଆୟୋଜକ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ପୁଣି ଥରେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ଭାବେ ସୁନୀଲ କୁମାର ସାହୁ, ମୁଖ୍ୟ ସଂଯୋଜକ ନିମାଇଁ ଚରଣ ତାଣ୍ଡି, ସହ ସମ୍ପାଦକ ଭାବେ ଗିରିଧାରୀ ବିଭାର, କୋଷାଧକ୍ଷ ଛବି ସାଗର ଉପ ସଭାପତି ସୁଶାନ୍ତ ତାଣ୍ଡିଙ୍କୁ ମନୋନୀତ କରାଯାଇଛି । ଏହା ସହିତ ମହୋତ୍ସବକୁ ଠିକ ଭାବରେ ପାଳନ କରିବା ପାଇଁ ଆଗାମୀ ଦିନରେ ବିଭିନ୍ନ ବିଭାଗର ଉପ କମିଟି ଗଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯ ଅର୍ଥ କମିଟିର ଆବାହକ ଭାବେ ଅମରେଶ ପଟ୍ଟନାୟକ, ଉପଦେଷ୍ଟା କମିଟିରେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଡୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡ଼ିଆଳ ରାଜା ଜିତମିତ୍ର ସିଂ ଦେଓ, ଜଗବନ୍ଧୁ ବାରିକ, ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ସୁନା, ଫନିନ୍ଦ୍ରମ ସିଂ ଦେଓଙ୍କୁ ଚୟନ କରା ଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ଉପଦେଷ୍ଟା ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ମେଜର ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ, ସତୀଶ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ଡ଼କ୍ଟର ସୁଶାନ୍ତ କୁମାର ବିଶି, ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୁର ମହମ୍ମଦ, ପୃଥ୍ୱୀରାଜ ମହାନ୍ତି, କମଳ ଚରଣ ତାଣ୍ଡି, ମିଳନ ଯାଦବ, ଗୌରାଙ୍ଗ ସାହୁ, ରତନ ସିଂ ବାରିକ, ମନୋରଞ୍ଜନ ମହାପାତ୍ର, ସତପାଳ ସିଂ ଛାବଡ଼ା, ସନ୍ତୋଷ ପଟ୍ଟନାୟକ, ବିଶ୍ୱଜିତ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ମୁରଲୀ ପଟେଲ, ବେଲୁ ମହାପାତ୍ରଙ୍କ ସମେତ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅନୁଷ୍ଠିତ ହେଲା ପବିତ୍ର ଅଁଳାନବମୀ, ଶ୍ରଦ୍ଧାଳୁ କଲେ ରାଧାପାଦ ଦର୍ଶନ

ଅସ୍ତରଙ୍ଗ/କାକଟପୁର-ମହାଭାରତ- ଆଜି ପବିତ୍ର କା□କ ଶୁକ୍ଳ ପକ୍ଷ ନବମୀ ତିଥି, ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆଜି ର ଏହି ପବିତ୍ର ଦିନ ରେ ଅଁଳାନବମୀ ପୂଜା ଅନୁଷ୍ଠିତ ହୁଏ, ସେଥିପାଇଁ ଆଜି ପୁରପଲ୍ଲୀ ରେ ଅଁଳା ବୃକ୍ଷ କୁ ଦେବବୃକ୍ଷ ବା ଜଗଦ୍ଧାତ୍ରୀ ଙ୍କ ନାମ ରେ ଶ୍ରଦ୍ଧାଳୁ ବିଭିନ୍ନ ଆୟୋଜନ ରେ ପୂଜାର୍ଚ୍ଚନା କରିଛନ୍ତି, ବୈଜ୍ଞାନିକ ଙ୍କ ମତ ଅନୁସାରେ ଏହି ଋତୁ ରେ ଅଁଳା ଫଳ ରେ ଏକ ପ୍ରକାର ଲାଭଦାୟକ ଗୁଣ ରହିଛି ଯାହା ଶରୀର ପାଇଁ ବେଶ ଉପଯୋଗୀ, ଅସ୍ତରଙ୍ଗ ବ୍ଲକ ବରାଙ୍ଗ ରାଧାକ୍ରିଷ୍ଣା ମନ୍ଦିର, ଆଳଙ୍ଗପୁର ସ୍ଥିତ ଐତିହାସିକ ଏମାର ମଠ ସ୍ଥିତ ରାଧାଗୋବିନ୍ଦ ମନ୍ଦିର,କନ୍ତପହରା ବାଲିଆପାଟ ରାଧାକୃଷ୍ଣ ମନ୍ଦିର, କାକଟପୁର ମା



ମଙ୍ଗଳା ଙ୍କ ବେଢାରେ ଥିବା ଅଁଳା ବୃକ୍ଷ ଓ ପବିତ୍ର ପ୍ରାଚୀତଟ ଜଗଦ୍ଧାତ୍ରୀ ମନ୍ଦିର ରେ ଅଁଳା ନବମୀ ପୂଜା ଓ ରାଧା ପାଦ ଦର୍ଶନ ଶ୍ରଦ୍ଧାଳୁ ବହୁ ଆଡମ୍ବର ରେ କରିବା ସହିତ ପ୍ରଭୁ ଜଗଦ୍ଧାତ୍ରୀ ଙ୍କୁ ଆଶିଷ ଭିକ୍ଷା କରିଛନ୍ତି, ଏଥି ସହିତ ଏହି ଆଧାତ୍ମିକ ପୀଠ ଗୁଡିକ ରେ ଭଜନ, କୀର୍ତ୍ତନ, ଜଣାଣ, ସଂକୀର୍ତ୍ତନ ସାଙ୍ଗ କୁ ଅନ୍ତ ମହୋତ୍ସବ ମଧ ହୋଇଛି, କା□କ ମାସ ରେ ଅଁଳା ନବମୀ ରେ ଏହି କାର୍ଯ୍ୟକ୍ରମ ପାଇଁ ଅସ୍ତରଙ୍ଗ ଓ କାକଟପୁର ଅ□ଳ ରେ ଏକ ପ୍ରକାର ଆଧାତ୍ମିକ ଭାବାବେଶ ପରିବେଶ ର ସ୍ୱାଦ ମିଳିଛି ।

# ଶାଗୁଆନ ଗଣ୍ଡି ଜବତ ବନବିଭାଗ

ପରଜଙ୍ଗ(ମହାଭାରତ) ଢେଙ୍କାନାଳ ନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାରିହାପୁର ଚକ୍ରଧର ପୁର ରେ ରବିବାର ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ବନବିଭାଗ ଚଢ଼ଉ କରିଥିଲା । ଚଢ଼ଉ ବେଳେ ୭୦ ଘନଫୁଟ ରୁ ଉର୍ଦ୍ଧ ଶାଗୁଆନ ଗଣ୍ଡି ଜବତ କରିଥିଲେ ।ତେବେ କେହି ବ୍ୟବସାୟ ଉଦ୍ଦେଶ୍ୟରେ ୧୦ରୁ ୧୫ ଟି ଗଛ କାଟି ଏକ ସରକାରୀ ଜାଗାରେ ଗଚ୍ଛିତ କରି ରଖିଥିଲା । ଚଢ଼ଉ ରେ ମହାବିରୋଡ ରେଞ୍ଜର ହରେଶ ଚନ୍ଦ୍ର କିସାନ୍, ଡିହଡୋଳ ଫରେଷ୍ଟର ବିଶ୍ୱନାଥ ସୁରେନ ଓ ହାତୀ ସ୍କୁଡେ ଙ୍କ ସହାୟତାରେ ଚଢ଼ାଉ ହୋଇଥିଲା । ଜବତ ଶାଗୁଆନ ଗଣ୍ଡି ଗୁଡ଼ିକୁ ଜବତ କରି ଡିହଡୋଳ ସେକ୍ସନ ଅଫିସରେ ଯାଇଅଛି। ଡିହଡୋଳ ଫରେଷ୍ଟର ସୁରେନେ କହିଛନ୍ତି ଆଗକୁ ଏହିପରି ଚଢ଼ଉ ଜାରି ରହିବ ଏଥି ସହ ଚୋରା ବାଲି ଗାଡ଼ି ଗୁଡ଼ିକ ଉପରେ ମଧ ଚଢ଼ାଉ କରାଯିବ ବୋଲି କହିଥିଲେ ।

# ମା' ମାଉଁଳୀ ଫୁଟବଲ ଟୁର୍ଣ୍ଣାମେଣ୍ଟ କର୍ଲ୍ଲାକୋଟ ; ଝାରକୁଣ୍ଡାମାଲ ଚମ୍ପିଆନ

କୋକସରା,(ମହାଭାରତ): ଧର୍ମଗଡ଼ ବ୍ଲକ ତରାପୁର ପଞ୍ଚାୟତ କର୍ଲାକୋଟ ଖେଳ ପଡିଆ ଠାରେ ମା' ମାଉଳୀ ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ପଞ୍ଚ□ଦିବସିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛିୟ ଫାଇନାଲ ଖେଳ କର୍ଲାକୋଟ ଓ ଝାରକୁଣ୍ଡାମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳରେ ଝାରକୁଣ୍ଡାମାଲ ୧-୦ ଗୋଲ ସ୍କୋର କରି ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ର ଚମ୍ପିୟାନ ହୋଇଥିଲା ।ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଜୋନ ନଂ ୩ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଏଁସାଲ, ସଞ୍ଜୀପ ସାହୁ,ଭାସ୍କର ସୁନାନୀ,ସରୋଜ ସାହୁ, ଅଶ୍ୱିନ ସାହୁ, ଟିକୁ ପଣ୍ଡା, ମର୍ଦ୍ଧରାଜ ସରାଫ, ସୁଶାନ୍ତ ପଣ୍ଡା, ସଞ୍ଜୟ ପଣ୍ଡା, ମକରନ୍ଦ ଶବର, ଉପେନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡା, ଅବୋଧ ପଣ୍ଡା, ଆଶିଷ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।ଖେଳକୁ ଆଦିତ୍ୟ ପଣ୍ଡା ପରିଚାଳନା କରିଥିବା ବେଳେ ଗଣପତି ପୁଝାରୀ ଓ ଅଜୟ ସରାଫ ଲାଇନ୍ସ ମ୍ୟାନ ଦାୟିତ୍ୱ ତୁଲେଇ ଥିଲେ ।ଅନୁଷ୍ଠାନ ର ସଭାପତି ସନ୍ତୋଷ ଶବର, ସମ୍ପାଦକ ନିମାନ ବରିହା, ଉପସଭାପତି ଯଶୋବନ୍ତ ସରାଫ, ସହ ସମ୍ପାଦକ ସତ୍ୟନାରାୟଣ ଚଲାନ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।ବାବୁଲାଲ ଶବର ଓ ସୁଦେଶ ଦୁରିଆ ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେୟଅନୁଷ୍ଠାନ ର ଚନ୍ଦନ ପଣ୍ଡା, ଜନ୍ମେଜୟ ତାଣ୍ଡି,ଟଙ୍କଧର ବରିହା, ନବୀନ ସରାଫ, ଦୁଲ୍ଲବ ସରାଫ, ରାଜା ସରାଫ, ଟଙ୍କ ଶବର, ଦେବାଶିଷ ଧରୁଆ, ଦୟା, ନରେଶ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରକୃତି ମାତା ମନ୍ଦିର ଠାରେ ବିଶ୍ୱ ପରିବେଶ ଦିବସ ପାଳିତ




ଆସିକା ,(ମହାଭାରତ) - ଆସିକା ବ୍ଲକ ବାବନପୁର ଗଡଗଡା ପାହାଡରେ ଥିବା ପ୍ରକୃତି ମାତା ମନ୍ଦିର ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପ୍ରକୃତି ପରିବେଶ ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଡ୍ ପକ୍ଷରୁ ସଚେତନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅସରରେ ବାବନପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଗ୍ରାମବାସୀ ପରିବେଶବିତ୍, ସ୍ୱଚ୍ଛାସେବୀ ମାନେ ଏକ ପଟୁଆରରେ ବାହାରି ପ୍ରକୃତି ଓ ବନ୍ୟଜନ୍ତୁର ସୁରକ୍ଷା ନେଇ ସଚେତନ ରାଲି କରି ଏହି ବାର୍ତ୍ତା ସାଧାରଣରେ ପହଞ୍ଚାଯାଇଛି। ଗତ ଦୁଇ ବର୍ଷ ଧରି ବାବନପୁର ସରପ□ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠାତା ସଞ୍ଜୟ କୁମାର ନାୟକଙ୍କ ସଂଯୋଜନା ରେ ପରିବେଶ ସୁରକ୍ଷା ନେଇ ଏହି ଉଦ୍ୟମ ଜାରି ରହିଛି । ରାଜ୍ୟର ମାନ୍ୟଗଣ୍ୟ ପରିବେଶବି□ ମାନେ ଏହି ସଚେତନ ରାଲିରେ ଯୋଗ ଦେବା ସହ ବିଶ୍ ପରିବେଶ ଚିନ୍ତନ ସଭାରେ ଯୋଗ ଦେଇଥିଲେ । ସାରା ବିଶ୍ ଏବେ ପରିବେଶ ସଙ୍କଟରେ ଗତି କରୁଥିବା ଥିବା ବେଳେ ତାକୁ ପ୍ରତିହତ କରିବା ପାଇଁ ଜାତି, ଧର୍ମ,ବର୍ଣ୍ଣ ଓ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ଏଥି ପ୍ରତି ଗୁରୁ ଦାୟି ରହିଛି ବୋଲି ବକ୍ତା ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଦିନକୁ ଦିନ ଜଙ୍ଗଲ ହ୍ରାସ , କୋଇଲା ନିର୍ଗତ ଧୂଆଁ, ଓ ଅଙ୍ଗାରକାମ୍ଳ ଯାନର ସ୍ତରରେ ବୃଦ୍ଧି ଯଦି ବଜାୟ ରହେ, ଆଗାମୀ ଦିନରେ ତାପମାତ୍ରା ୪ ଡିଗ୍ରୀ କୁ ଖସି ଆସି ମରୁଭୂମିରେ ପାଲଟିଯିବ ସମ୍ଭାବନା ଅଧିକ ରହିଛି ବୋଲି ରାଜ୍ୟ କାର୍ଯ୍ୟକାରୀ ସଭାପତି ଓଡିଶା ପରିବେଶବି□ ଭୁବନେଶ୍ୱର ଡଃ. ଜୟକୃଷ୍ଣ ପାଣିଗ୍ରାହୀ ବୋଲି ମତ ରଖିଛନ୍ତି ଯ ସେହିଭଳି ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗତା ନନ୍ଦ କହିବା ପ୍ରକାରେ ପରିବେଶ ଜନିତ ଏକ ଜରୁରୀ କାଳିନ ପରିସ୍ଥିତି ତାକୁ ପ୍ରତିହତ କରିବା ପାଇଁ ବାବନପୁର ଭଳି ଏକ ଅଞ୍ଚଳରେ ପ୍ରକୃତି ଓ ପରିବେଶ ସୁରକ୍ଷା ସାଙ୍ଗକୁ ବିଲୁପ୍ତ ପ୍ରାଣୀଙ୍କ ସୁରକ୍ଷା ଦିଗରେ ନିଆଯାଇଥିବା ସାମୂହିକ ପଦକ୍ଷେପ ବୋଲି ପ୍ରକାଶ କରି ଏଭଳି ବ୍ୟାପକ ପ୍ରଚାର ପ୍ରସାର ହେବାର ଜରୁରୀ ଅଟେ ।ସେମିତି ଜଙ୍ଗଲ ଓ ପରିବେଶ ଆଇନରେ ସୁରକ୍ଷା ନେଇ କଡାକଡି ନିତୀ ନିୟମ ରହିଥିଲେ ମଧ ତାହା ପାଳନ ଦିଗରେ ସରକାର କଠୋର ହେବା ଆବଶ୍ୟକତା ରହିଛି ବୋଲି ଗ୍ରୀନ ଟ୍ରିବୁନାଲ ଆଇନଜୀବୀ ଶଙ୍କର ପାଣି ମତ ରଖିଥିଲେ । ପରିଶେଷରେ ବାବନପୁର ସ୍କୁଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀ ମାନେ ପରିବେଶ ସୁରକ୍ଷା ଜନିତ ଏକାଙ୍କିକା ପରିବେଷଣ କରିଥିଲେ। ଏଭଳି ଏକ ସଚେତନ କାର୍ଯ୍ୟକ୍ରମ ଅଞ୍ଚଳରେ ହୋଇଥିବାରୁ ଗଡ୍ ଅନୁଷ୍ଠାନ ପ୍ରସଶଂନୀୟ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ନିତୀ ଆୟୋଗ ର ସଦସ୍ୟ ଜଗଦାନନ୍ଦ, ଓଡିଶା ରାଜ୍ୟ କାର୍ଯ୍ୟକାରୀ ପରିବେଶବି□ ସଭାପତି ଡଃ. ଜୟକୃଷ୍ଣ ପାଣିଗ୍ରାହୀ, ଆଇନଜୀବୀ ଶଙ୍କର ପ୍ରସାଦ ପାଣି, ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ଆଇନଜୀବୀ ମହେନ୍ଦ୍ର କୁମାର ସ୍ୱାଇଁ, ଆଇନଜୀବୀ ପ୍ରତାପ କୁମାର ଭୂୟାଁ, ରାଜେନ୍ଦ୍ର ନାଥ ପାତ୍ର , ସାମ୍ବାଦିକ ରାମକୃଷ୍ଣ ଚୌଧୁରୀ ସମେତ ବହୁ ମାନ୍ୟଗଣ ବ୍ୟକ୍ତି, ଗ୍ରାମବାସୀ ପ୍ରଭୃତି ଯୋଗଦେଇଥିଲେ।

# ବାମଣ୍ଡା କିଷାନ ସମାଜ ପକ୍ଷରୁ ଖ୍ରୀଷ୍ଟ ଧର୍ମ ରେ ପ୍ରଲୋଭିତ ନହୋଇ ହିନ୍ଦୁ ଧର୍ମକୁ ନଛାଡିବା ପାଇଁ ବୈଠକ



ଦେବଗଡ଼ (ମହା ଭାରତ)ତା/୧୦/୧୧/ରବିବାର ୫୫୦ କିସାନ ସମାଜ ପକ୍ଷରୁ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ବଳମ ଠାରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ହିନ୍ଦୁ ଧର୍ମକୁ ବଞ୍ଚାଇ ରଖିବାକୁ ଶତଚେଷ୍ଟିତ ହୋଇ ଖ୍ରୀଷ୍ଟଧର୍ମ ଙ୍କ ପ୍ରଲୋଭନ ରେ ନପଡ଼ିବା ପାଇଁ ବାମଣ୍ଡା ୫୦୦ କିସାନ ସମାଜ , ଦେବଗଡ ଜିଲ୍ଲାର ସଭାପତି,ଦୁର୍ଯ୍ୟୋଧନ କିସାନ ଉପସଭାପତି ବାଳ ମୁକୁନ୍ଦ ପ୍ରଧାନ ସଂପାଦକ ଶରତ କୁମାର କିସାନ ସୁନ୍ଦରଗଡ ଜିଲ୍ଲା କିସାନ ସମାଜ ର ସଂପାଦକ ମକରଧ୍ୱନି ମାଝୀ ଏବଂ ସମ୍ବଲପୁର ଜିଲ୍ଲା କିସାନ ସମାଜ ସଭାପତି ପଞ୍ଚାନନ ପ୍ରଧାନ ସବ ଡିଭିଜନାଲ କିସାନ ସମାଜ ବଣାଇ ର ସଭାପତି ରତ୍ନାକର କିସାନ ସମ୍ପାଦକ ଉଗ୍ରସେନ କିସାନ ଓ ଦେବଗଡ଼ ଜିଲ୍ଲା ର ତିନି ବ୍ଲକ ର ସଭାପତି ସମ୍ପାଦକ ୩୦ ଟି ଆଞ୍ଚଳିକ ପ୍ରଗଣା ର ସମସ୍ତ କର୍ମକର୍ତ୍ତା ଙ୍କର ଉପସ୍ଥିତିରେ ବୈଠକ ମାଧ୍ୟମରେ ଆଲୋଚନା ହୋଇଥିଲାୟ ଏବଂ କୁଚକ୍ରି ହିନ୍ଦୁଧର୍ମ ବିରୋଧୀଙ୍କୁ ଏକ ହୋଇ ବିରୋଧ କରିବାକୁ ନିଷ୍ପତି ନେଇଥିଲେ। ଓ କିସାନ ସମାଜ ର ପାରମ୍ପାରିକ ସଂକୃତି, ପରମ୍ପରା, ନୀତିନିୟମ କୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇ ଥିଲେ। କଳା ସଂକୃତି ପରମ୍ପରା ର ଅପଭ୍ରଂଶ କରୁଥିବା ବ୍ୟକ୍ତି ଙ୍କୁ ସମାଜ ରେ ପଶ୍ରୟ ନ ଦେବା ପାଇଁ ପରାମର୍ଶ ଦେଇଥିଲେ।

# ଆମ୍ବପଳାସ ମଧୁବନ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଯୁବକ ମୃତ୍ୟୁ

ପରଜଙ୍ଗ ୧୦/୧୧ (ମହାଭାରତ) ପରଜଙ୍ଗ ଥାନା ଗଡପାଳସୁଣୀ କମର ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳସ ମଧୁବନ ଛକ ନିକଟରେ ରବିବାର ଅପରାହ୍ନ ୩ଟାରେ ଅଜଣା ଗାଡି ଧକ୍କାରେ ଯୁବକ ମୃତ। ମୃତ ଯୁବକ ଜଣକ ହେଲେ ମହାବିରୋଡ ଗ୍ରାମର ଦୁଷ୍ମନ୍ତ ଜେନା ବୋଲି ଜଣା ପଡ଼ିଛି। ଦୁଷ୍ମନ୍ତ ନିଜ କାର୍ଯ୍ୟ ସାରି ପରଜଙ୍ଗ ରୁ ବାଇକ ଯୋଗେ ନିଜ ଘର ଫେରୁଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲାୟ ଘଟଣା ସ୍ଥଳରେ ତାଙ୍କର ମୃତ ହୋଇଛି । ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛ।

# ଦେବଗଡ଼ ରେ ଜିଲ୍ଲା ସ୍ତରୀୟ କବାଡି ଚୟନ



ଦେବଗଡ଼(ମହା ଭାରତ) (ରବିବାର) ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ କବାଡି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲା କ୍ରୀଡା ସଂସଦ ର କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ଙ୍କ ପ୍ରତଖ୍ୟ ତ୍ୱାବଧାନ ରେ ଅନୁଷ୍ଠିତ ଏହି ଚୟନ ପ୍ରକ୍ରିୟା ରେ ଜିଲ୍ଲା ର ତିନୋଟି ବ୍ଲକ ଓ ସଦର ମହକୁମା ରୁ ସର୍ବମୋଟ ୩୭ ଜଣ ପୁରୁଷ ଓ ମହିଳା ଖେଳାଳି ଏହି ଚୟନ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରି ଥିଲେ । ପ୍ରକଶ ଥାଉ କି ଏହି ଶିବିର ରୁ ଯେଉଁ ମାନଙ୍କୁ ଚୟନ କରାଯାଇ ଦେବଗଦ ଜିଲ୍ଲା ଦଳ ଗଠନ କରାଯିବ ସେମାନେ ଚଳିତ ମାସ ଗଞ୍ଜାମ ଜିଲ୍ଲା ର ଅସିକା ଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ ତମ ରାଜ୍ୟ ସ୍ତରୀୟ ସିନିୟର୍ କବାଡି ଚମ୍ପିୟାନସିପ୍ ରେ ଦେବଗଡ ଜିଲ୍ଲା ର ପ୍ରତିନିଧି କରିବେ ।ଏହି ଚୟନ ଶିବିର ରେ ଚୟନ କର୍ତ୍ତା ଭାବରେ ଶ୍ରୀ ବାତ୍ସଲ୍ୟ କୁମାର ବିଶ୍ୱାଳ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ନୀରିକ୍ଷକ, ଶ୍ରୀ ମନୋଜ କୁମାର ଆଚାର୍ଯ୍ୟ କବାଡି ରେଫରୀ ତଥା ବରିଷ୍ଠ କାବଦି ଖେଳାଳି , ଶ୍ରୀ କିଶୋର ରାଏ ବରିଷ୍ଠ କବାଡି ଖେଳାଳି, ଶ୍ରୀ ସୌରଭ କୁମାର ନାଏକ ଶାରିରୀକ ଶିକ୍ଷକ ଦେବଗଡ ମହାବିଦ୍ୟାଳୟ ଓ ବରିଷ୍ଠ ମହିଳା କବାଡି ଖେଳାଳି ବାସନ୍ତୀ ମିସ୍ତ୍ରୀ ଯୋଗ ଦେଇ ଖେଳାଳି ଚୟନ କରିଥିଲେ ।ଏହି ଚୟନ ଶିବିର କୁ ଇଂ ସୁଜିତ କୁମାର ପ୍ରଧାନ, ଡିଲେଶ୍ୱର ପ୍ରଧାନ , ଆଲୋକ ଆମାନ୍ତ , ଶ୍ରୀ ପ୍ରଦୀପ କୁମାର ଛତ୍ରିଆ , ଇଂ ଭୁବନେସ୍ୱର ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଭବାନୀପାଟଣାରେ କିମ୍ସ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର

ଭବାନୀପାଟଣା, (ମହାଭାରତ): ଶିକ୍ଷାବିତ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମ୍ସ) ପକ୍ଷରୁ ପ୍ରତିବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଇଥାଏ। ଏଥିରେ ରୋଗୀମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ସହ କିମ୍ସ୍କ ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମାଦିଳିସ୍ଥିତ କିସ୍ ପରିସରରେ କିମ୍ସ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲାୟ ଏଥିରେ କିମ୍ସର ବିଭିନ୍ନ ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେୟ ଏଥିରେ ଲୋକମାନଙ୍କୁ ଚିକିତ୍ସା ପରାମର୍ଶ ସହ ବିନାଦେୟରେ ଔଷଧ ବ□ନ ଓ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ମଧ କରାଯାଇଥିଲାୟ କଳାହାଣ୍ଡି ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର୍ବାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେୟ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡିଏମଓ ନିହରେନ୍ଦ୍ର ପଣ୍ଡା , ଆଇନଜୀବୀ ପ୍ରିୟରଞ୍ଜନ ବହିଦାର, ପ୍ରାଧ୍ୟାପକ ପ୍ରମୋଦ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସକାଳ ୯ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିଥିବା ବେଳେ ଏହି ଶିବିରରେ ୪ହଜାରରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇଥିଲେୟ ରୋଗୀମାନେ ଦୂରଦୂରନ୍ତରୁ ଆସିଥିବାରୁ ସେମାନଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଥିଲା ମାଗଣା ଡାକ୍ତରୀ ପରାମର୍ଶ ସହ ମାଗଣା ଔଷଧ ଓ ନିଦାନ ପାଇ ଲୋକମାନେ ବେଶ ଉତ୍ସାହିତ ହୋଇଥିଲେୟ ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ବିଶାଳ ସ୍ୱାସ୍ଥ୍ୟ ଶିବିରକୁ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତ।

# ଇଣ୍ଟର ଷ୍ଟେଟ ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଜୁନାଗଡ଼,,ମହାଭାରତ,, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ସ୍ମରଣୀୟ ବିଜୁ ପଟ୍ଟନାୟକ ଷ୍ଟାଡିଅମ ସ୍ଥିତ ନିଉ ରେଡଷ୍ଟାର ସ୍ପୋର୍ଟ୍ସ କ୍ଲବ ଅଫିସ ପରିସରରେ ଆସନ୍ତା ଡ଼ିସେମ୍ବର ୧୦ ତାରିଖ ଠାରୁ ସର୍ବ ଭାରତୀୟ ଇଣ୍ଟର ଷ୍ଟେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି । କ୍ଲବ ସଭାପତି ହିମାଂଶୁ ଶେଖର ବରାଡ଼ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ବିଶାଖାପାଟଣା, ରାୟପୁର, ରାଞ୍ଚି ,ତଥା ଓଡିଶା ର ବଛା ବଛା କ୍ରିକେଟ କ୍ଲବ କୁ ନେଇ ଦିବା ରାତ୍ର ସହ ଡ଼ିଉଜ ବଲ ଟର୍ ଉଇକେଟ ୩୦/୩୦ ଓଭର ଧଳା ବଲ କଲର ଡ୍ରେସ ଦିନିକିଆ ମ୍ୟାଚ କରିବା ପାଇଁ ନିଷ୍ପତି କରାଯାଇଛି। ଏହି ସଭା ରେ ଉପସଭାପତି ସରୋଜ ପଣ୍ଡା, ଚିଫ ଏକଜିକୁଟିଭ ସମୀର ସାହୁ, ସମ୍ପାଦକ କାଳିନ୍ଦି ପାଣିଗ୍ରାହୀ, ଉପସଭାପତି ସୁଧାଂଶୁ ବରାଡ଼, ମାନସ ସାହୁ, ସନ୍ଦୀପ ସାହୁ, ରାକେଶ ବେମାଲ ବିଶ୍ୱ ସାହୁ, ରମଣୀ ପଣ୍ଡା, ସୁଜିତ ପଣ୍ଡା, ପପୁ ପଣ୍ଡା, ଜଗା ମହାନ୍ତି, କାଳିଆ କନ୍ଦପକ୍ଷନ, ନୀତିଶ ମହାପାତ୍ର, ସୁରେଶ ବାଗ, ତୁଷାର ମହାନ୍ତି, ପରେଶ ପଣ୍ଡା,ଜିତୁ ନାୟକ,ଡମ୍ବରୁ ନାଗ, ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ ମାଣ୍ଡିଆ ଦିବସ ପାଳିତ

ଦେବଗଡ(ମହା ଭାରତ) ତା ୧୦.୧୧.୨୪ ଦେବଗଡ ଟାଉନ ହଲ ଠାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଏବଂ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ଭକ୍ଷର ପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ ଓ ବରଣ୍ୟ ଅତିଥି ଅଧକ୍ଷ ରିଆମାଳ ପଂଚାୟତ ସମିତି ମଧୁସୂଦନ ପ୍ରଧାନ , ଅଧକ୍ଷ ବାରକୋଟ ପଂଚାୟତ ସମିତି ପୁଷ୍ପାଞ୍ଜଳୀ ପକ୍ଷତ୍ର , ଅତିରିକ୍ତ ଜିଲ୍ଲାପାଳ ରେବେକକ୍ଷ ବିଲୁଙ୍ଗ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବରିଷ୍ଠ ବୈଜ୍ଞାନିକ କୃଷିବିଜ୍ଞାନ କେନ୍ଦ୍ର ମାନସୀ ଭୋଜ ଯୋଗ ଦେଇ ସକ୍ଷଧାରଣ ସଭାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପତ୍ରିବର୍ଷ ନଭେମ୍ବର ୧୦ ତାରିଖକୁ ବିଶ୍ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟ ଲୋକଙ୍କ ଭିତରେ ଆହୁରି ଆଦୃତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଦିବସକୁ ପାଳନ କରୁଛନ୍ତି । ମାଣ୍ଡିଆରେ ବହୁ ଉପାଦେ। ଗୁଣ ଭରି ରହିଛି । ମାଣ୍ଡିଆ ଚାଷକୁ ଏକ ଉତମ ଜୀବନଜୀବିକା ମାଧ୍ୟମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି ।କେବଳ ଆଦିବାସୀ କିମ୍ବା ପାହାଡି ଅଂଚଳରେ ନୁହେଁ ବରଂ ମାଣ୍ଡିଆକୁ ସମସ୍ତେ ବ୍ୟବହାର କରିବା କଥା ବୋଲି ଆଜିର କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଂଚସୀନ ଅତିଥି ଗଣ ଆଲୋକପାତ କରିଥିଲେ । ପରେ ପରେ ଜିଲ୍ଲାସ୍ତରରେ ମାଣ୍ଡିଆ ଦିବସ ଉପଲକ୍ଷେ ଛାତ୍ର ଓ ଛାତ୍ରୀ ପୂର୍ବରୁ କରା ଯାଇ ଥିବା ଜଣ। ଅଜଣା ପରିଯୋଗିତା,ଉତ୍ତମ ମାଣ୍ଡିଆ କୃଷକ,ଉ□ମ ମାଣ୍ଡିଆ ଝଐଏ, ଉତ୍ତମ ଓ ଉଜଚଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏସଏଚଜି ମହିଳା ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଶ୍ରୀ ଅନ୍ତ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମାଣ୍ଡିଆରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ କରାଯାଇଥିଲା। । ସିଏସଡିଆର ସମ୍ପାଦିକା ରିତାରାଣୀ ରାଉତଙ୍କ ସମେତ କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ପାଞ୍ଚ ଦିବାସୀୟ କ୍ରିକେଟ ଟୁର୍ଣ୍ଣାମେ□ ଉଦଯାପିତ , ରେମଣ୍ଡା କୁ ହରେଇ ଛନଛଡା ବିଜୟ

ଟିଟିଲାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଧରପଗଡ଼ ହାଇସ୍କୁଲ ପଡିଆଠାରେ ଚାଲିଥିବା ପଞ୍ଚଦିବସିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ,ଡୁମେର ମୁଣ୍ଡା (ନୂଆବସ୍ତି)ଗ୍ରାମବାସୀ ଆନୁକୂଲ୍ୟରେ ଫାଇନାଲ ଖେଳ ରେ ରେମଣ୍ଡା କୁ ହରେଇ ଛନଛଡା ବିଜୟ ହୋଇଥିବା ବେଳେ ପ୍ରଥମେ ଛନଛଡା ଟସ୍ ଜିତି ବେଟିଙ୍ଗ କରିଥିଲା ଏବଂ ୧୦ ଓଭର ରେ ୧୧୦ ରନ ସଂଗ୍ରହ କରିଥିଲେ ,ରେମଣ୍ଡା ୯୦ରନ କରି ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା , ସର୍ବମୋଟ ଷୋହଳ ଟି ଦଳ ଭାଗ ନେଇଥିଲେ ମୁଖ୍ୟଅତିଥି ଭାବରେ ସମାଜ ସେବି ସନ୍ଦୀପ ସିଂ ବାବୁ ସମ୍ମାନିତ ଅତିଥି ଜନିଫୁଲ ମାଝୀ ଜନ୍ମେଜୟ ମାଝୀ ସିମା□ଳ ରଣା ପ୍ରମାନନ୍ଦ ମାଝୀ ଶରତ ମାଝୀ ମ□ ରେ ଉପସ୍ଥିତ ଥିଲେ ସଭାପତି କ୍ଷୀରସିନ୍ଧୁ ମାଝୀ ଉପସଭାପତି ଗିରଧାରୀ ପାତ୍ର ସମ୍ପାଦକ..କୃଷ୍ଣ ଚନ୍ଦ୍ର ଗହୀର ତରୁଣ ଗହୀର ମହେଶ ଭୋଇ ଦେବାଶିଷ ଖରସେଲ କାଶୀ କ୍ଷମା ଅନାଦି ମାନସ ଅରୁଣ ରାଜେଶ ତୁଲସୀ ଝୁନୁ ସୁନୁ ସମିତ ଦିନେଶ ସମସ୍ତ କମିଟି ସଦ୍ୟସ ସହଯୋଗ କରିଥିଲେ ଫାଇନାଲ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ ସୁରେନ୍ଦ୍ର ମହାନନ୍ଦ ଓ କ୍ଷୀରସିନ୍ଧୁ ମାଝୀ ଖେଳ ପରିଚାଳନା କରିଥିଲେ ପ୍ରଶାନ୍ତ ପସାୟତ ଭାଗବତ ଠାକୁର।

## ବୋହୂ କୁ ମାରି ଟାଙ୍ଗିଦେଲେ ଶ୍ୱଶୁର ଘର ଲୋକ

କପ୍ତିପଦା -(ମହାଭାରତ ): କପ୍ତିପଦା - ପରିବାର ଭିତରେ ପୂର୍ବରୁ ଲାଗି ଆସୁଥିଲା କଳହ। ଶେଷରେ ଏତେ ଉଗ୍ରରୂପ ନେଲା ଯେ ବୋହୂକୁ ମାରି ଟାଙ୍ଗିଦେଲେ ଶ୍ୱଶୁର ଘର ଲୋକେ। ଏଭଳି ଘଟଣା ଘଟିଛି ଖୁଣ୍ଟା ଥାନା ମାଠିଆଭଙ୍ଗା ଗ୍ରାମରେ। ଗ୍ରାମର ଆରତୀ ସେଠି ଙ୍କୁ ତାଙ୍କ ଶାଶୁ, ସ୍ୱାମୀ ଏବଂ ନଣନ୍ଦ ହତ୍ୟା କରି ଟାଙ୍ଗି ଦେଇଥିବାର ଆସିଛି ଅଭିଯୋଗ। ଯାହାକି ପୂର୍ବରୁ ଅନେକ ସମୟରେ ଆରତୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ, ଯାହାକୁ ନେଇ ପୂର୍ବରୁ ଆରତୀ ଅନେକ ଦିନ ଧରି ଯାଇ ନିଜ ବାପଘର ପାଖରେ ମଧ୍ୟ ରହିଥିଲେ। ତେବେ ଗତକାଲି କୌଣସି କାରଣକୁ ନେଇ ଆରତୀଙ୍କୁ ତାଙ୍କ ସ୍ୱାମୀ,ଶାଶୁ ଏବଂ ନଣନ୍ଦ ମାରି ଟାଙ୍ଗି ଦେଇଥିଲେ। ଯାହାକି ଗତକାଲି ରାତିରେ ଆରତୀ ବେକରେ ଏପରନ ଲଗାଇ ଆତ୍ମହତ୍ୟା କରିଥିବା ଖବର ଆରତୀଙ୍କ ସ୍ୱାମୀ ସୁମନ୍ତ ସେଠି ତାଙ୍କ ବାପ ଘର ଲୋକଙ୍କୁ ଜଣାଇଥିଲେ। ଏହା ପରେ ଆରତୀଙ୍କ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ ଏବଂ ମୃତଦେହ ଏକ ଖଟିଆ ଉପରେ ରହିଥିବା ଦେଖିଥିଲେ। ଯାହାକି ଆରତୀ ଆତ୍ମହତ୍ୟା କରି ନାହାନ୍ତି ବରଂ ତାଙ୍କ ଶ୍ୱଶୁର ଘର ଲୋକେ ତାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବାର ଅଭିଯୋଗ ଆଣିଛନ୍ତି। ବାରମ୍ବାର ପୂର୍ବରୁ ନିର୍ଯାତନା ଦେଇ ଆସୁଥିବା ବେଳେ ଶେଷରେ ହତ୍ୟା କରିଥିବା କହିଛନ୍ତି ବାପଘର ଲୋକେ। ଯାହାର ଖବର ପାଇ ଖୁଣ୍ଟା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି। ଅନ୍ୟପଟେ ମୃତକଙ୍କ ସ୍ୱାମୀ ସୁମନ୍ତ ସେଠି, ଶାଶୁ ଶାନ୍ତିଲତା ସେଠି ଓ ନଣନ୍ଦ ତିଳତୋମା ସେଠିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ବରୀ ରୋଗି କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ



ବରୀ,(ମହାଭାରତ)ବରୀ ରୋଗୀ କଲ୍ୟାଣ ସମିତି ବୈଠକ ସ୍ଥାନୀୟ ଜଳ ସମ୍ପଦ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଯୋଗ ଦେଇଥିବା ବେଳେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଦାସ ଓ କମିଟି ମେମ୍ବର ବିଜୟ କୁମାର ସାହାଣୀ, ପ୍ରମୋଦ ନାଥ ଶର୍ମା, ଦିଲ୍ଲିପ ବେହେରା, ଦୁଷ୍ମନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ସବ୍ୟସାଚୀ ଦାସ, ଡଃ ଶଶିକାନ୍ତ ସାହୁ, ବିଡିଏମ ମୁକୁନ୍ଦ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ନାୟକ, ଅଜୟ କୁମାର ଦାସ, ବିଜୟ କୁମାର ନନ୍ଦ, ବିଦ୍ୟାଧର ମଲିକ, ସଞ୍ଜୟ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନୀୟମିତତା କୁ ନେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଅବ୍ୟବସ୍ଥା ଓ ବିଭିନ୍ନ ପରିକ୍ଷା ନିରିକ୍ଷା ପାଇଁ ରୋଗି ମାନେ ଅସୁବିଧାର ସମ୍ମୁଖୀନ ହେବା ଘଟଣା କୁ ଗୁରୁତ୍ୱ ଦେବାକୁ ବରୀ ବିଧାୟକ ତାଗିଦ୍ କରିଥିଲେ। ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ନିକଟ ଅତିତରେ ଓଡିଶାକୁ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ନିଯୁକ୍ତି ପାଇଥିବା ବେଳେ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଜଣେ ମାତ୍ର ଡାକ୍ତର ନିଯୁକ୍ତି ପାଇ ନଥିଲେ। ତେଣୁ ଆବଶ୍ୟକୀୟ ଡାକ୍ତର ପଦବୀ ଓ ଚିକିତ୍ସା ସୁବିଧା ପ୍ରସଙ୍ଗ ଆଗାମି ବିଧାନ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ଶ୍ରୀ ମଲ୍ଲିକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଖୁବ ଶିଘ୍ର ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମାନଚିତ୍ର ବଦଳିବା ସହିତ ରୋଗି ମାନେ କିପରି ଉତମ ସେବା ପାଇ ପାରିବେ ସେ ନେଇ ଯାହା କରିବାକୁ ପଡିବ ମୁଁ ନିଶ୍ଚିତ କରିବି ବୋଲି ବିଧାୟକ କହିଛନ୍ତି।

## ପାରଳାରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ ଗୋପାଷ୍ଟମୀ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ରାଜଗୁରୁ ସାହି ନିକଟରେ ଥିବା ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଗୋପାଷ୍ଟମୀ ମହୋତ୍ସବ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଗଜପତି ଶାଖା ତରଫରୁ ଗାଈ ବାଛୁରୀ ମାନଙ୍କୁ ପୂଜା କରାଯାଇଥିଲା ।ବିଭିଉ ସ୍ଥାନରୁ କୀର୍ତ୍ତନ ମଣ୍ଡଳୀ ଆସି କୀର୍ତ୍ତନ କରି ନଗର ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲେ ।ଏହି ମହୋତ୍ସବର ଉଦ୍ଦେଶ୍ୟ ହେଉଛି ଗୋ ମାତା ମାନବ ଜାତି ପାଇଁ ଭଗବାନ ଙ୍କର ଅପୂର୍ବ ଦାନ ।ଗୋ ମାତାଙ୍କ ସେବା ଦ୍ୱାରା ବିଶ୍ୱବାସୀଙ୍କ ମଙ୍ଗଳ ହେବା ସହିତ ମାନବର ବୌଦ୍ଧିକ ଚେତନାର ଉଉତି ସାଧନ ହୁଏ। ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ଆଭିମୁଖ୍ୟ ହେଉଛି ଗୋ ସୁରକ୍ଷା, ଗୋ ସେବା,ଗୋ ବଂଶର ବିକାଶ,ଗୋ ଉକ୍ତିର ମହାତ୍ମ୍ୟ ।ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହୀନିର କର୍ମକର୍ତ୍ତା ମାନେ ହରିମୋହନ ପଟ୍ଟନାୟକ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଲୋକ ନାଥ ମିଶ୍ର,ନୃସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସୁରୁସୁଆଁ ରେ ପିକକ୍ ପକ୍ଷ ରୁ ଖେଳିବା ଓ ବଢ଼ିବା ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ



ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସୁରୁସୁଆଁ ରେ ରାଜ୍ୟ ର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ କଲଚରାଲ ସେ□ର ପିକକ୍ ପକ୍ଷରୁ ଏଇଆଇଏନ ର ସହାୟତା ରେ ୬ଟି ବିଦ୍ୟାଳୟ ପଲାଣଘାଟି, ବଣମହୁଲଡିହା, ମୁରୁସୁଆଁ, କେନ୍ଦେଇ ପଶି, ବଡ଼ଜାମୁପଶି, ଜଡିଋତର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ଖେଳିବା ଓ ବଢିବା ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତା ମଧ୍ୟରେ ଶାରିରୀକ,ମାନସିକ,ଆତ୍ମବିଶ୍ୱାସ କୁ ପ୍ରୋତ୍ସାହିତ ପରିକଳ୍ପନା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ କୁ ପିକକ୍ ବ୍ଲକ ସଂଯୋଜକ ସତ୍ୟନାରାଣ ମହାନ୍ତ ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ କୁ ପରିଋଳନା ପିକକ୍ ର ସଂପାଦକ ରଞ୍ଜନ ମହାନ୍ତି କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶିଶୁ ସମିତି କାର୍ଯ୍ୟକ୍ରମ ସଂଯୋଜକ ପ୍ରତିକାନ୍ତ ପଣ୍ଡା ଯୋଗଦାନ କରି ଉଦଘାଟନ କରିବା ସହ ଛାତ୍ରୀ ମାନେ କିପରି ଠିକଦିଗରେ ପରିଋଳିତ ହେବାକୁ ଦିଗ୍ଦର୍ଶନ ଅଭିଭାଷଣ ରଖିଥିଲେ। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ,ସରପ□ ହରିଶଙ୍କର ଦେହୁରୀ,ସମିତି ସଭ୍ୟ ସୁଶୀଲ କୁମାର ସାହୁ,ମୁରୁସୁଆଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାନ୍ତ ଉପସ୍ଥିତ ଥିଲେୟ ଏହି ଖେଳିବା ଓ ବଢିବା ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୬ଟି ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଙ୍କ ମଧ୍ୟରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲାୟ ଏହି ଫୁଟବଲ ପ୍ରତିଯୋଗିତା କୁ ରେଫ୍ରି ଭାବେ ସନ୍ତୋଷ ମହାକୁଡ଼,ଲମ୍ବୁଧର ମହାନ୍ତ ପରିଚଳନା କରି ଥିଲେ। ଏହି ପରିପେକ୍ଷିରେ ଉଦଯାପନି ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ ଯୋଗାଦାନ କରି ଛାତ୍ରୀ ମାନଙ୍କ ଆତ୍ମବିଶ୍ୱାସ,ସଶକ୍ତ ହୋଇ ଆଗକୁ ବଢ଼ିବାର ତମାର୍ଗଦର୍ଶକ ଅଭିଭାଷଣ ରଖି ଥିଲେ। ସମ୍ମାନିତ ଅତିଥି ଭାବେ ପିକକ୍ ର ନିର୍ଦ୍ଦେଶକ ଅନୁରାଧା ମହାନ୍ତି,ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଯୋଗଦାନ କରିଥିଲେ। ଖେଳବା ଓ ବଢିବା ଫୁଟବଲ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ୬ଟି ଦଳ କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରାଯାଇଛି । ଫୁଟବଲ ପ୍ରତିଯୋଗିତା ଧାରା ବିବରଣୀ ଅରୁଣ କୁମାର ମହାନ୍ତ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ କୁ ପିକକ୍ କର୍ମଋରୀ ଦ୍ରୋପଦୀ,ପୂଜା, ଋଝସକେତନ, ଗୋବିନ୍ଦ, ପରକ୍ଷିତ, ସୋନାଲୀ, ମେଘମାଳ, ସଚିତ୍ରା, ପ୍ରଭାତ ପସଂପୂର୍ଣ୍ଣ ସହଯୋଗ କରିଥିଲେ।

## ଯୁବ ସାମ୍ବାଦିକ ହିରଣ୍ୟ ବେହେରାଙ୍କୁ ଦେବଗିରି ବାର୍ତ୍ତା ସମ୍ମାନ

କୋକସରା, (ମହାଭାରତ ) : ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ ଅବସରରେ ଯୁବ ସାମ୍ବାଦିକ ହିରଣ୍ୟ ବେହେରାଙ୍କୁ ମର୍ଯ୍ୟାଦାଜନକ 'ଦେବଗିରି ବାର୍ତ୍ତା ସମ୍ମାନ-୨୦୨୪' ପ୍ରଦାନ କରାଯିବ। କୋକସରା ବ୍ଲକ ଅନ୍ତର୍ଗତ କୁସୁମଖୁଣ୍ଟିର ଯଶୋଦା ବେହେରା ଓ ଯୋଗିନ୍ଦ୍ର ବେହେରାଙ୍କ ସୁପୁତ୍ର ହିରଣ୍ୟ ୨୦୧୭ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ବାର୍ତ୍ତାର କୋକସରା ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟରତ। ଏହାସହ ହିରାଞ୍ଚଳ ଖବର କାଗଜର ପ୍ରତିନିଧି ଭାବେ ଜନତାଙ୍କ ସ୍ୱରକୁ ପ୍ରଶାସନ ପାଖରେ ପ୍ରଭାବି ଢଙ୍ଗରେ ଉପସ୍ଥାପନ କରି ଆସୁଛନ୍ତ। ଉତ୍କୃଷ୍ଟ ମାନର ସମ୍ବାଦ ସହ ଗ୍ରାମା□ଳ ଓ ଉପାନ୍ତ ଅ□ଳର ଖବର ପରିବେଷଣ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି। ଏହାସହ ଜଣେ ଯୁବ ସଂଗଠକ ଭାବେ ସେ ବିଭିଉ ଅନୁଷ୍ଠାନ ସହ ଜଡ଼ିତ ହୋଇ ଆସୁଛନ୍ତି। ଦୁର୍ଘଟଣାଗ୍ରସ୍ତ ଦୁର୍ଗତ ଜନତାଙ୍କ ସାଥି ଭାବେ ସେ କୋକସରା ଅ□ଳରେ ସେ ସୁପରିଚିତ। ଜଣେ କ୍ରିଡ଼ା ଉଦଘୋଷକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଛି ।ଆସନ୍ତା ନଭେମ୍ବର ୧୩ରୁ ୧୫ ତାରିଖ ଯାଏଁ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଡୀପଦରଠାରେ ହେବାକୁ ଥିବା ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଅବସରରେ ଗୋସିଙ୍ଗ ଦୈତ୍ୟ ଦରବାରରେ ଶ୍ରୀ ବେହେରାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ ଓ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତ।

## ପାଟଣା ବ୍ଲକ ଅବକାରୀ ବିଭାଗ ର ସାଂସଦ ପ୍ରତିନିଧି ମଧୁସୂଦନ ମହାନ୍ତ



ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ର ବରିଷ୍ଠ ଭାଜପା କାର୍ଯ୍ୟ କର୍ତ୍ତା ମଧୁସୂଦନ ମହାନ୍ତ ଙ୍କୁ ପାଟଣା ବ୍ଲକ ଅବକାରୀ ବିଭାଗ ପ୍ରତିନିଧି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ନିଯୁକ୍ତ କରିଛନ୍ତି ।ଶ୍ରୀ ମହାନ୍ତ ପାଟଣା ବ୍ଲକ ଅନ୍ତର୍ଗତ ବଡପାଟଣା ପଞ୍ଚାୟତ ପୁଟୁଳିଆ ଗ୍ରାମ ର ବାସିନ୍ଦା ଅଟନ୍ତିୟସେ ଭାରତୀୟ ଜନତା ପାର୍ଟି ପାଇଁ ନିଷ୍ଠାପର ଭାବେ ଅନେକ ଦିନରୁ କାମ କରି ଆସୁଛନ୍ତି ।ଆଜି ସେ ପାଟଣା ଅବକାରୀ କାର୍ଯ୍ୟାଳୟ କୁ ଅବକାରୀ ଅଧିକାରୀ ପ୍ରିୟମ୍ବଦା ଓଝା ଙ୍କୁ ତାଙ୍କର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ।ନିଯୁକ୍ତି ପତ୍ର ପ୍ରଦାନ ବେଳେ ବିଜେପି କାର୍ଯ୍ୟକର୍ତ୍ତା ଯୁଧିଷ୍ଠିର ମହାନ୍ତ,ଉମାକାନ୍ତ ମହାନ୍ତ, ଯଶୋବନ୍ତ ମହାରଣା, ବ୍ରଜବନ୍ଧୁ ସେଠୀ, ଲାଲମୋହନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଠାରୁ ୪୦ ଲକ୍ଷ କଳାକନା ବୁଲେଇ ଯୁବକ ଫେରାର



ଟିଟିଲାଗଡ (ମହାଭାରତ )ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ଥାନା କୁମ୍ଭାରୀ ଗାଁର ଏସଏଚଜି ମହିଳାଙ୍କ ୪୦ଲକ୍ଷ ଋଣଟଙ୍କା ନେଇ ଜଣେଯୁବକ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଠକେଇର ଶିକାର ହୋଇଥିବା ମହିଳାମାନେ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, କୁମ୍ଭାରୀ ଗାଁର ଏସଏଚଜି ମହିଳାଙ୍କୁ ଗାଁର ଦୀପକ ରଣା ତାଙ୍କୁ ଫାଇନାନ୍ସ ସଂସ୍ଥାରୁ ଋଣ ଉଠାଇଦେବା ପାଇଁ ଅନୁରୋଧ କରିଥିଲାୟ ଯୁବକ ଜଣକ ଋଣ କିସ୍ତି ପରିଶୋଧ କରିଦେବେ ବୋଲି ସେମାନଙ୍କୁ ବିଶ୍ୱାସ ଜନ୍ମାଇଥିଲା। ଯୁବକଙ୍କ କଥାରେ ପଡ଼ି ଏସଏଚଜି ମହିଳା ବିଭିନ୍ନ ଫାଇନାନ୍ସ ସଂସ୍ଥାଠାରୁ ପ୍ରାୟ ୪୦ଲକ୍ଷ ଟଙ୍କା ଉଠାଇଥିଲେ ।ଏହି ଋଣ ଅର୍ଥ ସଂପୃକ୍ତ ଯୁବକ ଜଣକ ନେଇଥିଲେ। ହେଲେ ଋଣ ପରିଶୋଧ କରିବା ବେଳକୁ ବାହାର ରାଜ୍ୟକୁ ଫେରାର ମାରିଥିବା ମହିଳାମାନେ ଜାଣିବାକୁ ପାଇଥିଲେୟ ଏବେ ମହିଳାମାନେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇ ସଂପୃକ୍ତ ଯୁବକଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଆଲିଶା ତାଣ୍ଡି, ଗେଲେଇ ରଣା, କାଞ୍ଚନ ରଣା, ପୂର୍ଣ୍ଣମୀ ରଣା, ଇନ୍ଦୁ ରଣା, ମୁରୁଜ କୁମ୍ଭାର, ଲଳିତା ସାହାଣୀ, ଭୂମି ଭୂଏ, ଚନ୍ଦ୍ରକଳା ତମଲିଆ, ସିନ୍ଧୁ ତମଲିଆ, ଗୀତା ସାମର, ଜଳକ କୁମ୍ଭିରିଆ, ଦଶମୀ ମାଝି, ସଜନା ସାମର, ଭଗବତୀ ତମଲିଆ, ସୁନାରି ଛତ୍ରିଆ, ଶକୁନ୍ତଳା ବାଗ ସମେତ ବହୁ ମହିଳା ଥାନାରେ ଅଭିଯୋଗ କରିଛନ୍ତି।

## ଜିଲ୍ଲା ସ୍ତରୀୟ ଡାକ ଟିକଟ ପ୍ରଦର୍ଶନୀ ଉଦଘାଟିତ




କଳାହାଣ୍ଡି(ମହାଭାରତ): କଳାହାଣ୍ଡି ଡାକ ଡିଭିଜନ ପକ୍ଷରୁ ବ୍ରଜ ମୋହନ ହାଇସ୍କୁଲ୍ ଠାରେ ଦୁଇ ଦିନିଆ ଡାକ ଟିକଟ ପ୍ରଦର୍ଶନୀ ଉଦଘାଟିତ ହୋଇଛି। କଳାହାଣ୍ଡି ଡାକ ଅଧିକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବ୍ରହ୍ମପୁର ପରିମଣ୍ଡଳର ମହା ଡାକପାଳ ରିଜୁ ଗାଙ୍ଗୁଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଡାକ ଆକାଉଣ୍ଟ ନିର୍ଦ୍ଦେଶକ ରିଜୱାନ ଅହମଦ , ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଓ ଡାକ ଟିକଟ ସଂଗ୍ରହକାରୀ ରମେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଭାରତୀୟ ଡାକ ସେବା ବିଗତ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବାସି ଙ୍କୁ ଡାକ ସେବା ଯୋଗାଇ ଦେଇ ଆସୁଛି। ଡାକ ଟିକଟ ସଂଗ୍ରହ କରିବା ଏକ ଭଲ ଅଭ୍ୟାସୟ ଦେଶର ଇତିହାସ ଠାରୁ ଆରମ୍ଭ କରି ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ସ୍ମାରକୀ ଗୁଡ଼ିକୁ ଡାକ ଟିକଟ ରେ ସ୍ଥାନିତ କରାଯାଇଛି। ଡାକ ଟିକଟ ସଂଗ୍ରହ କରିବା ଦ୍ୱାରା ଦେଶର ଅତୀତ, ବର୍ତ୍ତମାନ ଓ ବିକାଶଧାରା ସମ୍ପର୍କରେ ମଧ୍ୟ ସୂଚନା ମିଳିଥାଏ। ଏଣୁ ଡାକ ଟିକଟ ସଂଗ୍ରହ ପ୍ରତି ଛାତ୍ର ଛାତ୍ରୀ ଓ ଯୁବକ ମାନେ ଆକୃଷ୍ଟ ହେବା ପାଇଁ ମହାଡାକପାଳ ଶ୍ରୀ ଗାଙ୍ଗୁଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବିଭିଉ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ନଭେମ୍ବର ୯ ଓ ୧୦ ଦୁଇଦିନ ଧରି ଏହି ଡାକ ଟିକଟ ପ୍ରଦର୍ଶନୀ ଋଲିବ ବୋଲି କଳାହାଣ୍ଡି ଡାକ ଅଧିକ୍ଷକ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଦଶରଥପୁର ପ୍ରଖଣ୍ଡ ତରଫରୁ ଦଶରଥପୁର ମଠ ସଫେଇ



ଦଶରଥପୁର (ମହାଭାରତ): ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଦଶରଥପୁର ପ୍ରଖଣ୍ଡର କାର୍ଯ୍ୟକର୍ତ୍ତା ମାନେ ଗୋ ସୁରକ୍ଷା ପାଇଁ ବିଭିନ୍ନ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଥିବା ବେଳେ ଆଜି ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗଦଳ ଦଶରଥପୁର ପ୍ରଖଣ୍ଡ ତରଫରୁ ଦଶରଥପୁର ମଠ ପରିସର ସଫେଇ କାର୍ଯ୍ୟ କରାଯାଇଛି। ଉଚକ୍ତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ପ୍ରଖଣ୍ଡ ସଂଘର କାର୍ଯ୍ୟନିର୍ବାହୀ ବିରଜା ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଫେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ଦଶରଥପୁର ପ୍ରଖଣ୍ଡ ସମ୍ପାଦକ ନରେନ୍ଦ୍ର ଜେନା ,ଦଶରଥପୁର ପ୍ରଖଣ୍ଡ ସହ ସମ୍ପାଦକ ବିମ୍ବାଧର ବେହେରା,ଦଶରଥପୁର ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଲୋକନାଥ ଦାସଙ୍କ ନେତୃତ୍ୱରେ ଦଶରଥପୁର ପ୍ରଖଣ୍ଡ ସୁରକ୍ଷା ପ୍ରମୁଖ ସୌରଭ ଦାସ,ପ୍ରଖଣ୍ଡ ଗୋ ରକ୍ଷା ପ୍ରମୁଖ ଅମରଜିତ ତ୍ରିପାଠୀ,ଜୟନ୍ତରା ଖଣ୍ଡ ସଂଯୋଜକ ଆଶୁତୋଷ ନାୟକ ,ଦଶରଥପୁର ଖଣ୍ଡ ସଂଯୋଜକ ଜୀବନ ମଲ୍ଲିକ ,ବିଶ୍ୱଜିତ ନାୟକ ପ୍ରମୁଖ ଯୋଗଦାନ କରି ଦଶରଥପୁର ମଠ ପରିସରରକୁ ସଫେଇ କରିଥିଲେ । ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ଏହିଭଳି ମହାନ କାର୍ଯ୍ୟକୁ ବେଶ ପ୍ରଶଂସା କରିଛନ୍ତି ଅଂଚଳବାସୀ

## ବିଜୁ ଜନତା ଦଳର ବିଶାଳ ଜନ ସମ୍ପର୍କ ପଦଯାତ୍ରା



କୋକସରା,(ମହାଭାରତ): ବିଜୁ ଜନତା ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସାରା ଗାନ୍ଧୀ ଜୟନ୍ତୀ ଠାରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। କୋକସରା ବ୍ଲକ ଡାଲଗୁମା ଠାରୁ ଆରମ୍ଭ ହୋଇ ଧର୍ମଗଡ଼ ବ୍ଲକ ବେହେରା ପର୍ଯ୍ୟନ୍ତ ଦିର୍ଘ ୫ କିମି. ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ଆରମ୍ଭ ପୂର୍ବରୁ ଡାଲଗୁମା ଠାରେ ଏକ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡ଼ି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଡାଲଗୁମା ଠାରୁ ବାର୍କିମୁଣ୍ଡା ଦେଇ ବେହେରା ପର୍ଯ୍ୟନ୍ତ ପଦଯାତ୍ରାରେ ପହଞ୍ଚି ଥିଲେୟ ବେହେରା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଜିଲ୍ଲା ସଭାପତି ଶ୍ରୀସିଦେଓଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏଥିରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ସଭାନେତ୍ରୀ ଲଳିତା ନାଏକ, କଲ୍ୟାଣୀ ନାଏକ, ଜିଲ୍ଲା ସାଧାରଣ ସଂପାଦକ ବଦ୍ରିନାରାୟଣ ପଟ୍ଟନାୟକ, ହୀରା ବାଗ, ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଥିଲେ। ପଦଯାତ୍ରାରେ କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତୀ ପୁଝାରୀ, ଦୁଗ୍ଧ ସମବାୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, କଳମପୁର ଜୋନ ନଂ-୧ ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, କଳମପୁର ଜୋନ ନଂ ୨ ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ଧର୍ମଗଡ଼ ଜୋନ ନଂ ୨ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଧର୍ମଗଡ଼ ଜୋନ ନଂ ୩ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ଭଏଁସାଲ, ଏସସି ସେଲ ରାଜ୍ୟ ସାଧାରଣ ସମ୍ପାଦକ ଧନେଶ୍ୱର ନାଗ, ଧର୍ମଗଡ ବ୍ଲକ ବିଜେଡି ସଭାପତି ଟିକମନ ବାରିକ, କୋକସରା ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ ବେହେରା, କଳମପୁର ବ୍ଲକ ବିଜେଡ଼ି ସଭାପତି ଅଭିମନ୍ୟୁ ବାଗ ସମେତ ଶହ ଶହ କର୍ମୀ ସାମିଲ ହୋଇଥିଲେ।

## ଠାକୁରମୁଣ୍ଡା ଲ୍ୟାମ୍ପର ବାର୍ଷିକ ସାଧାରଣ ପରିଷଦ ବୈଠକ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଲ୍ୟାମ୍ପ ପରିସରରେ ଆଜି ବାର୍ଷିକ ସାଧାରଣ ପରିଷଦର ବୈଠକ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଙ୍କ ସଭାପତିତ୍ୱରେ ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ବାରିପଦା ରୁ କୃଷ୍ଣ ଚନ୍ଦ୍ର ଦାସ ଓ କରଞ୍ଜିଆ ରୁ ଇଜଉଝ ବସନ୍ତ କୁମାର ନାୟକ, ଲ୍ୟାମ୍ପ ସଭାପତି ଗଣନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଲ୍ୟାମ୍ପ ସମ୍ବନ୍ଧୀୟ ବିଭିଉ ଯୋଜନା ମାନ ଋଷୀ ଉଦେଶ୍ୟ ରେ ଆଲୋଚନା କରିଥିଲେ। ବୈଠକ ଆରମ୍ଭ ରେ ଲ୍ୟାମ୍ପ ପରିଋଳନା ନିର୍ଦ୍ଦେଶିକା ପାର୍ବତୀ ମହାନ୍ତ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଲ୍ୟାମ୍ପ ର ସଦସ୍ୟ ଓ ଋଷୀ ଭାଇ ଭଉଣୀ ଉପସ୍ଥିତ ଥିଲେ ବେଳେ ସମସ୍ତ କର୍ମଋରୀ ସହଯୋଗ କରିଥିଲେ।

# ୨୦୫୧ ସୁଦ୍ଧା ମୁମ୍ବାଇରେ ହିନ୍ଦୁ ଜନସଂଖ୍ୟା ୫୪%କୁ ହ୍ରାସ ପାଇବ : ରିପୋର୍ଟ

**ମୁମ୍ବାଇ,୧୦।୧୧(ଏଜେନ୍ସି):** ନିକଟରେ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (ଟିଆଇଏସ୍ଏସ୍)ର ଏକ ରିପୋର୍ଟରେ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଟିଆଇଏସ୍ଏସ୍ ରିପୋର୍ଟ ଅନୁଯାୟୀ, ମୁସଲମାନ ଅନୁପ୍ରବେଶକାରୀଙ୍କ ଯୋଗୁଁ ମୁମ୍ବାଇର ଜନସଂଖ୍ୟା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଶେଷ କରି ମୁମ୍ବାଇରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନକୁ ଏହି ରିପୋର୍ଟରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି । ଏହା ଅନୁଯାୟୀ ୨୦୫୧ ସୁଦ୍ଧା ହିନ୍ଦୁ ଜନସଂଖ୍ୟା ୫୪%ରୁ କମ୍, ମୁସଲମାନ ଜନସଂଖ୍ୟା ୩୦%କୁ ବୃଦ୍ଧି ପାଇବ। ଟିଆଇଏସ୍ଏସର ଅଧ୍ୟୟନ ଅନୁଯାୟୀ, ବାଂଲାଦେଶୀ ଏବଂ ରୋହିଙ୍ଗ୍ୟା ମୁସଲମାନମାନେ ମହାରାଷ୍ଟ୍ରର ରାଜନୀତିକୁ ପ୍ରଭାବିତ କରୁଛନ୍ତି । ୨୦୫୧ ସୁଦ୍ଧା ହିନ୍ଦୁ ଜନସଂଖ୍ୟା ୫୪%ରୁ କମ୍ ହେବ, ମୁସଲମାନ ଜନସଂଖ୍ୟା ୩୦%କୁ ବୃଦ୍ଧି ପାଇବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସହରରେ ହିନ୍ଦୁଙ୍କ ପ୍ରତିଶତ ୧୯୬୧ ପରଠାରୁ ୮୮%ରୁ ୨୦୧୧ରେ ୬୬%କୁ ହ୍ରାସ ପାଇଥିବା ବେଳେ ମୁସଲମାନ ଜନସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ଯାହା ୧୯୬୧ରେ ୮% ରୁ ୨୦୧୧ରେ ୨୧% କୁ ବୃଦ୍ଧି ପାଇଛି ।କେତେକ ରାଜନୈତିକ ଅନୁଷ୍ଠାନ ବେଆଇନ ପ୍ରବାସୀଙ୍କୁ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବ୍ୟବହାର କରୁଛନ୍ତି, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିପାରେ । ଭୋଟର ପଞ୍ଜୀକରଣରେ ମଧ୍ୟ ହେରଫେର କରାଯାଉଛି। ବେଆଇନ ପ୍ରବାସୀମାନେ ନକଲି ଭୋଟର ପରିଚୟପତ୍ର ହାସଲ କରୁଥିବା ଅଭିଯୋଗ ହେଉଥିବା ବେଳେ ନିର୍ବାଚନୀ ନିରପେକ୍ଷତା ଏବଂ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାର ଅଖଣ୍ଡତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି ।



# ମୋଦିଙ୍କ 'ଏକ ହେ ତୋ ସେଫ୍ ହେ' ନାରାକୁ କାଉଣ୍ଟର କଲେ ସଞ୍ଜୟ

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):** ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ହେ ତୋ ସେଫ ହେ ନାରାକୁ ଜୋରଦାର କାଉଣ୍ଟର କରିଛନ୍ତି । ମହାରାଷ୍ଟ୍ର ପୂର୍ବରୁ ହିଁ ସୁରକ୍ଷିତ ରହିଛି । ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟର ଯେଉଁଠିକୁ ଯାଉଛନ୍ତି, ସେଠାରେ ଅସ୍ଥିରତା ସୃଷ୍ଟି ହେଉଛି । ବିଭେଦ ଓ ଅସ୍ଥିରତା ସୃଷ୍ଟି କରିବା ମୋଦିଙ୍କ ଉଦ୍ଦେଶ୍ୟ ବୋଲି ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ।ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କାହିଁକି ଏମିତି ଭାଷା ବ୍ୟବହାର କରୁଛନ୍ତି, ସେକଥା ମୁଁ ବୁଝି ପାରୁନାହିଁ । ପୂର୍ବରୁ ସେ ବାଟେଙ୍ଗେ ତୋ କାଟେଙ୍ଗେ ବୟାନ ଦେଇଥିଲେ । ଏହା ଫେଲ ମାରିବାରୁ, ଏବେ ସେ ନୂଆ। ନାରା ଦେବା ଆରମ୍ଭ କରିଛନ୍ତି । ମହାରାଷ୍ଟ୍ରରେ ଲୋକମାନେ ପୂର୍ବରୁ ହିଁ ସୁରକ୍ଷିତ ରହିଛନ୍ତି । କିନ୍ତୁ ମୋଦି ଯେତେବେଳେ ଗସ୍ତ କରୁଛନ୍ତି ସେତେବେଳେ ରାଜ୍ୟ ଅସୁରକ୍ଷିତ ହୋଇ ପଡୁଛି । କାରଣ ସେ ବିଭେଦ ଓ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉସକାଉଛନ୍ତି । ପୂରା ସୁରକ୍ଷିତ ଓ ସ୍ଥିରତା ପାଇଁ ଆମକୁ ବିଜେପିକୁ ହଟାଇବାକୁ ପଡ଼ିବ । ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦି ଅଭିଯୋଗ କରିଥିଲେ ଯେ କଂଗ୍ରେସ ଓ ଏହାର ସହଯୋଗୀମାନେ କେବଳ ଗୋଟିଏ ଜାତିକୁ ଅନ୍ୟ ଜାତି ବିରୋଧରେ ଛିଡ଼ା କରୁଛନ୍ତି। ତେଣୁ ଲୋକଙ୍କୁ ସେ ଏକାଠି ହେବାକୁ ଆହ୍ୱାନ ଦେଇ ଏକ ହେ ତୋ ସେଫ ହେ ନାରା ଦେଇଥିଲେ ।



# ଝାରଖଣ୍ଡର ଭ୍ରଷ୍ଟାଚାରୀ ସରକାରଙ୍କୁ ବର୍ଜନ କରିବା

**ହଜାରୀବାଗ,୧୦।୧୧(ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟିର ଷ୍ଟାର ପ୍ରଚାରକ ଅମିତ ଶାହ ଝାରଖଣ୍ଡର ହେମନ୍ତ ସରକାର ଉପରେ ଟାର୍ଗେଟ କରି କହିଛନ୍ତି ଯେ, ରାଜ୍ୟରେ



ଜେଏମ୍ଏମ୍, କଂଗ୍ରେସ ଏବଂ ଆର୍‌ଜେଡିର ସରକାର ପୁରା ଦେଶରେ ସବୁଠାରୁ ଅଧିକ ଭ୍ରଷ୍ଟ ସରକାର ଅଟେ। କଂଗ୍ରେସର ଏକ ସାଂସଦଙ୍କ ଘରୁ ୩୫୦ କୋଟି ଧରାଯାଇଛି। ଏହାକୁ ଗଣିବାକୁ ୨୭ ମେସିନ୍ ଅଣାଯାଇଛି। ସମସ୍ତ ମେସିନ୍ ଥକିଯାଇଛି। ଘରୁ ୩୦ କୋଟି ଧରାଯାଇଛି କିନ୍ତୁ ମୁଖ୍ୟମନ୍ତ୍ରୀ କିଛି କରନ୍ତି ନାହିଁ। କଂଗ୍ରେସ ପାର୍ଟି କିଛି କରେ ନାହିଁ। ଏଥିପାଇଁ ଏହି ଭ୍ରଷ୍ଟାଚାରୀ ସରକାରଙ୍କୁ ବର୍ଜନ କରିବା ଦରକାର।

ଶ୍ରୀ ଶାହ ଶନିବାର ଦିନ ହଜାରୀବାଗର ଅମୃତ ନଗରର ସ୍କୁଲ ପଡ଼ିଆରେ ବିଜେପି ପ୍ରାର୍ଥୀ ପ୍ରଦୀପ ପ୍ରସାଦଙ୍କ ପକ୍ଷରେ ବିଜୟ ସଂକଳ୍ପକୁ ସମ୍ବୋଧିତ କରି କହିଛନ୍ତି ଯେ ଆଜି ମୁଁ ପଚାରିବାକୁ ଆସିଛିଯେ ଅର୍ଥ କାହାର। ଏହି ପଇସା ଝାରଖଣ୍ଡର ଯୁବକମାନଙ୍କର। ଭାଜପା ସରକାର ଗଠନ କରନ୍ତୁ ତେବେ ଦେଖିବା ଯେଉଁମାନେ ଭ୍ରଷ୍ଟାଚାର କରିଛନ୍ତି ତାଙ୍କୁ ଓଲଟା ଲଟକାଇ ସିଧା କରିବାର କାମ ବିଜେପି କରିବ। ଯେଉଁମାନେ ଗରିବଙ୍କ ପଇସା ନିଜ ଘରେ ରଖିଛନ୍ତି। ଶ୍ରୀ ଶାହ କହିଛନ୍ତିଯେ ଏହି କଂଗ୍ରେସ ଓବିସି ବିରୋଧି ପାର୍ଟି। ଯେତେବେଳେ ଶାସନରେ ଆଥିବା ପଛୁଆବର୍ଗଙ୍କ ବିରୋଧ କରିବାର କାମ କରିଛନ୍ତି ଏବଂ ପଛୁଆ ବର୍ଗଙ୍କ ସହିତ ଅନ୍ୟାୟ କରିବାର କରିଛନ୍ତି।

# ପ୍ରଧାନମନ୍ତ୍ରୀ କେବେ ଆଦିବାସୀଙ୍କ ନିକଟକୁ ଯାଆନ୍ତି ନାହିଁ

**ରାଞ୍ଚି,୧୦।୧୧(ଏଜେନ୍ସି):** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଝାଡ଼ଖଣ୍ଡରେ ନିର୍ବାଚନୀ ପ୍ରଚାର କରୁଛନ୍ତି । ଶନିବାର ସେ କେତେକ ଜନସଭାକୁ ସମ୍ବୋଧିତ କରିଛନ୍ତି । ରାହୁଲ ଗାନ୍ଧୀ ରାଲିରେ 'ଝାଡ଼ଖଣ୍ଡ ଲାଗି ଇଣ୍ଡିଆର ୭ପ୍ରତିଶ୍ରୁତି ' କହିଛନ୍ତି । ପିଏମ୍ ମୋଦୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି କି ପ୍ରଧାନମନ୍ତ୍ରୀ ଦଳିତଙ୍କ ପାଖକୁ ଯାଇ ନଥାନ୍ତି । କେବଳ ବ୍ୟବସାୟୀଙ୍କ ପରିବାରର ବିବାହରେ ଯାଇଥାନ୍ତି । ଧନବାଦରେ ରାହୁଲ ଗାନ୍ଧୀ ଅଭିଯୋଗ ଲଗାଇଛନ୍ତି କି ପିଏମ୍ କେବେ ବି ଦଳିତ, ଆଦିବାସୀଙ୍କ ନିକଟକୁ ଯାଇନଥାନ୍ତି । ସେ କେବଳ ଉଦ୍ୟୋଗପତି ପରିବାରର ସଦସ୍ୟଙ୍କ ବିବାହରେ ସାମିଲ ହୋଇଥାନ୍ତି । ସେ କହିଥିଲେ କି ଜାତି ଜନଗଣନାରୁ ଜଣାପଡ଼ିବା ଆବଶ୍ୟକ କି ଦେଶର ସମ୍ପତ୍ତି କିଭଳି ଭାବେ ଭାଗ କରାଯିବ । ସେ କହିଥିଲେ କି ଆମେ ଆପଣଙ୍କୁ 'ଆଦିବାସୀ' କହୁଛୁ କିନ୍ତୁ ବିଜେପି ଆପଣଙ୍କୁ 'ବନବାସୀ' କହୁଛି । ଆଦିବାସୀ ମାନେ ହେଉଛନ୍ତି ଦେଶର ପ୍ରଥମ ମାଲିକ, ସେହିଭଳି ବନବାସୀ ଅର୍ଥ ଅଟେ କି ଦେଶରେ ଆପଣଙ୍କ କୌଣସି ଅଧିକାରୀ ନାହିଁ । ସେ ଧିରେ ଧିରେ ଆପଣଙ୍କ ଜଙ୍ଗଲ ଆପଣଙ୍କଠାରୁ ଛଡ଼ାଉଛନ୍ତି । କିନ୍ତୁ ଆମେ ଚାହୁଁଛୁ କି ଜଳ, ଜଙ୍ଗଲ, ଜମି ଉପରେ ଆପଣଙ୍କ ପ୍ରଥମ ଅଧିକାର ରହୁ । ତା'ର ସୁଫଳ ଆପଣଙ୍କୁ ମିଳିବା ଆବଶ୍ୟକ । ବାଘମାରାରେ ରାହୁଲ ଗାନ୍ଧୀ କହିଥିଲେ କି,'ଆମ ଘୋଷଣାପତ୍ରରେ ଝାଡ଼ଖଣ୍ଡ ଲାଗି ଇଣ୍ଡିଆର ୭ ପ୍ରତିଶ୍ରୁତି ଅଛି । ଖାଦ୍ୟ ସୁରକ୍ଷାର ଗ୍ୟାରେଣ୍ଟି, ୧୯୩୨ଅ।ଧାରିତ ଗ୍ୟାରେଣ୍ଟି, ମା'କୁ ସମ୍ମାନର ଗ୍ୟାରେଣ୍ଟି, ସାମାଜିକ ନ୍ୟାୟର ଗ୍ୟାରେଣ୍ଟି, ରୋଜଗାର ଏବଂ ସ୍ୱାସ୍ଥ୍ୟ ସୁରକ୍ଷାର ଗ୍ୟାରେଣ୍ଟି, ଶିକ୍ଷାର ଗ୍ୟାରେଣ୍ଟି, କୃଷକ କଲ୍ୟାଣର ଗ୍ୟାରେଣ୍ଟି' ।



# ଜୁନରେ ସରିବନି ରାମମନ୍ଦିର ନିର୍ମାଣ, ଆହୁରି ୩ ମାସ ଲାଗିବ: ନୃପେନ୍ଦ୍ର ମିଶ୍ର

**ଅଯୋଧ୍ୟା,୧୦।୧୧(ଏଜେନ୍ସି):** ଆସନ୍ତା ବର୍ଷ ଅର୍ଥାତ ୨୦୨୫ ଜୁନ ସୁଦ୍ଧା ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ହେଲେ ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର କହିଛନ୍ତି ଧାର୍ଯ୍ୟ ସମୟରେ ନିର୍ମାଣ କାର୍ଯ୍ୟ ସରିବନି । ଆହୁରି ୩ ମାସ ଲାଗିବ । ଅର୍ଥାତ ୨୦୨୫ ସେପ୍ଟେମ୍ବର ସୁଦ୍ଧା ସରିବ ବୋଲି ଅନୁମାନ କରାଯାଉଛି । ମନ୍ଦିର ପାଚେରି ନିର୍ମାଣ କରିବା ଲାଗି ୮.୫ ଲକ୍ଷ ଘନଫୁଟ ବଂଶୀ ପାହାଡପୁର ନାଲି ପଥର ଲାଗିବ । ନାଲି ପଥର ଆସି ସାରିଛି । କିନ୍ତୁ ଏହାର କାମ କରିବା ଲାଗି ବର୍ତ୍ତମାନ ୨୦୦ ଶ୍ରମିକଙ୍କ ଅଭାବ ଦେଖାଦେଇଛି । ମନ୍ଦିରର ପ୍ରଥମ ମହଲାରେ ଲଗାଯାଇଥିବା ପଥର ଦୁର୍ବଳ ରହିଛି ।ତାହା ଅତ୍ୟନ୍ତ ପତଳା ।ତେଣୁ ତାକୁ କାଯାଇ ସେଠାରେ ମକରାନା ପଥର ଲଗାଯିବ । ସବୁ ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଛି । ରାମମନ୍ଦିର ଭବନ ନିର୍ମାଣ ସମିତିର ବୈଠକ ଆଜି ଦ୍ୱିତୀୟ ଦିନ ପାଇଁ ବସିଥିଲା । ବୈଠକରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା । ମୂର୍ତ୍ତିକାରମାନେ ପ୍ରତିଶ୍ରୁତି ଦେଇଛନ୍ତି କି ମନ୍ଦିର ପରିସରରେ ଯେତେ ସବୁ ପ୍ରତିମା ସ୍ଥାପନ କରାଯିବ ତାର ନିର୍ମାଣ କାର୍ଯ୍ୟ ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ସରିବ ।ସେହିଭଳି ଶ୍ରୀରାମଙ୍କ ଅନ୍ୟ ଯେଉଁ ମୂର୍ତ୍ତି ଦ୍ୱୟକୁ ନ୍ୟାସ ସ୍ୱୀକାର କରିଛି ତାକୁ ମଧ୍ୟ ଉପଯୁକ୍ତ ସ୍ଥାନରେ ପ୍ରତିଷ୍ଠା କରାଯିବ ।ଏଥିପାଇଁ ସମୟ ଲାଗିବ ବୋଲି ସେ କହିଛନ୍ତି ।

# ରାଜ୍ୟ ସ୍ତରୀୟ ଟୋଙ୍ଗ-ଇଲ୍-ମୂ-ଡୁ ଚାମ୍ପିଅନସିପ




ଭୁବନେଶ୍ୱର, ୦୪।୧୧ (ନିପ୍ର) : ଟୋଙ୍ଗ-ଇଲ୍-ମୂ-ଡୁ ଆସୋସିଏସନ ଓଡିଶା ପକ୍ଷରୁ ରାଜ୍ୟ ସ୍ତରୀୟ ଟୋଙ୍ଗ-ଇଲ୍-ମୂ-ଡୁ ଚାମ୍ପିଅନସିପ ୟୁନିଟି ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ୧୧ଟି ଜିଲ୍ଲାରୁ ପ୍ରାୟ ୨୪୫ ଖେଳାଳି ଅଂଶଗ୍ରହଣ କରିଥିଲେ। ୪ଟି ବର୍ଗ ସବ୍ ଜୁନିଅର, କ୍ୟାଡେଡ, ଜୁନିଅର ଓ ସିନିଅର ବିଭାଗରେ ଖେଳାଳିମାନେ ଖେଳ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ବିଭାଗରୁ ୩ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ବିଜେତା ଘୋଷିତ ହୋଇଥିଲେ। ଏହି ଚାମ୍ପିଅନସିପରେ ରେଫରୀ ଭାବେ ଆଶିଷ ପ୍ରଧାନ, ସ୍ୱରୂପ ମହାପାତ୍ର, ସାଲିନ୍ ସିଂ, ଶୁଭଶ୍ମିତା ପାଣିଗ୍ରହୀ, ପ୍ରଣବ କୁମାର ଦାଶ, ଅନୁରାଗ ନନ୍ଦ, ଉମାକାନ୍ତ ସୂତାର ଓ ବାଳକୃଷ୍ଣ ମଣ୍ଡଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଆସୋସିଏସନର ସଭାପତି ବୀରକିଶୋର ଦେବ, ଯୁଗ୍ମ ସମ୍ପାଦକ ବଳରାମ ନାୟକ ଯୋଗଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ଲଲାଟ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସିନାପାଲି ଶିକ୍ଷା ବିଭାଗର ସ୍ୱାଗତ

**ସିନାପାଲି,(ନି.ପ୍ର):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ନୂତନ ଭାବରେ ଯୋଗଦାନ କରିଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ବିଭାଗ ତରଫରୁ ଶନିବାର ସ୍ୱାଗତ କରାଯାଇଛି। ଶିକ୍ଷାଧିକାରୀ ଯତିନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାର ଏନେଇ ସ୍ଥାନୀୟ ନିଲଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ସ୍ୱାଗତ ସଭାରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ବିଭାଗୀୟ ସେକ୍ସନ୍ ଅଫିସର କମଳ ଚରଣ ମାଝୀ, ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ଗହୀର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ କୁମାର ମାଝୀ ଯୋଗ ଦେଇଥିଲେ। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ଭାବ ରଖି କାର୍ଯ୍ୟ କଲେ ଶିକ୍ଷକ ଜୀବନ ସଫଳ ହୋଇ ପାରିବ ବୋଲି ଏ ଅବସରରେ ବକ୍ତାମାନେ ମତ ପୋଷଣ କରିବା ସହ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ସିଆରସିସି ରାକେଶ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟର ସିଆରସିସି ଖଗେଶ୍ୱର ନିଆଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହା ପରେ ନବନିଯୁକ୍ତ ଶିକ୍ଷକଶିକ୍ଷୟିତ୍ରୀ ନିଜନିଜ ପରିଚୟ ପ୍ରଦାନ କରିଥିବା ବେଳେ ସେମାନଙ୍କୁ ଶିକ୍ଷା ବିଭାଗ ତରଫରୁ ସ୍ୱାଗତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ସିଆରସିସି ମହେଶ୍ୱର ଗୁଆଲ, କ୍ଷିରସିନ୍ଧୁ ମେହେର ଓ ଖଗେଶ୍ୱର ନିଆଲ ଶିକ୍ଷକଙ୍କୁ ଶିକ୍ଷାବିଭାଗର ବିଭିନ୍ନ ନୀତିନିୟମ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସିନାପାଲି ବ୍ଲକର ନବନିଯୁକ୍ତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଧିରେନ୍ଦ୍ର କୁମାର ସାଙ୍କ ସହ ସମସ୍ତ ସିଆରସିସି ସହଯୋଗ କରିଥିଲେ। ଶେଷରେ ବିଭାଗୀୟ ଏକାଉଣ୍ଟେଣ୍ଟ ସନ୍ତୋଷ ବନ୍ଦିଛୋର ଧନ୍ୟବାଦ ଦେଇଥିଲେ।



## ଜିନ୍ଦଲ ଫାଉଣ୍ଡେସନ ଓ ବିସିକେଆଇସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

# ବଡ଼ବିଲରେ ପ୍ରତିଷ୍ଠା ହେବ ଏଲଇଡି ବଲବ ପ୍ରସ୍ତୁତି ୟୁନିଟ

**ଯୋଡ଼ା,(ନି.ପ୍ର):** ମହିଳା ସଶକ୍ତିକରଣ ଓ ସେମାନଙ୍କ ନିରନ୍ତର ବିକାଶ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର(ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ। ବଡ଼ବିଲର ଦେଓଝର ପଞ୍ଚାୟତରେ ଏକ ଏଲଇଡି ବଲ୍ବ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବା ପାଇଁ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟର ଫାଉଣ୍ଡେସନ (ବିସିକେଆଇସି) ସହ ଜିନ୍ଦଲ ଫାଉଣ୍ଡେସନ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ସ୍ଥାନୀୟ ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ପରିବେଶ ଅନୁକୂଳ ଓ ଶକ୍ତି ଦକ୍ଷ ଉପକରଣ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବ। ଜିନ୍ଦଲ ଫାଉଣ୍ଡେସନର ମହିଳା ଓ ଜୀବିକା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ପାଇଲଟ କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମଗୁଡ଼ିକର ୨୦ ଜଣ ମହିଳାଙ୍କୁ ଏଲଇଡି ବଲ୍ବ ପ୍ରସ୍ତୁତି ପାଇଁ ତାଲିମ ଦିଆଯିବ। ଭବିଷ୍ୟତରେ ଏହି କାର୍ଯ୍ୟକ୍ରମର କଳେବର ବଢ଼ିବା ସହ ଏହା ମହିଳାଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ।

ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ପ୍ଲାଣ୍ଟର ୟୁନିଟ ହେଡ ଏମଡି ପୁରୁଷୋତ୍ତମ, ଏଚଆର ଓ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳାଙ୍କ ଉପସ୍ଥିତିରେ ବିକେସିକେଆଇସିର ଅଧ୍ୟକ୍ଷ ଡକ୍ଟର ମୃତ୍ୟୁଞ୍ଜୟ ସୁଆର ଓ ଜିନ୍ଦଲ ଫାଉଣ୍ଡେସନର ଜିଏମ-ସିଏସଆର ଭର୍ଜିଲ ଲାକ୍ରା ଏହି ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ପ୍ରଶାନ୍ତ କୁମାର ହୋତା, ସଭାପତି ଏବଂ ଗ୍ରୁପ ମୁଖ୍ୟ, ସିଏସଆର ଓ ଏଜୁକେସନ କହିଛନ୍ତି, ଏହି ପଦକ୍ଷେପରେ ସୁଯୋଗ ସୃଷ୍ଟି, ଦକ୍ଷତା ବିକାଶ, ବଜାର ସଂଯୋଗର ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏହା ମହିଳାମାନଙ୍କ ନିୟମିତ ରୋଜଗାର ବୃଦ୍ଧି କରିବ। ଏହା ସହିତ ମହିଳାମାନଙ୍କର ମୂଲ୍ୟ ନିର୍ଦ୍ଧାରଣ ଦକ୍ଷତା ଓ ନିଷ୍ପତି ନେବାର କ୍ଷମତା ବୃଦ୍ଧି ଆଦିବାସୀବହୁଳ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ବିକାଶରେ ସେମାନଙ୍କ ଭାଗିଦାରି ବଢ଼ାଇବ। ଶକ୍ତି ଦକ୍ଷ ବଲବର ଚାହିଦା ବଢୁଥିବାରୁ ଏହି ପଦକ୍ଷେପ ଏକ ପରିବେଶ ଅନୁକୂଳ ଓ ନିରନ୍ତର ସାମାଜିକ ବିକାଶ ମଡେଲ ପ୍ରସ୍ତୁତି ସହ ଚିରସ୍ଥାୟୀ ସାମୁଦାୟିକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏଠାରେ ସୂଚନା ଯୋଗ୍ୟ ଯେ ମହିଳା ଓ ଜୀବିକା କାର୍ଯ୍ୟକ୍ରମ ଅଧୀନରେ ଅନେକ ଉଚ୍ଚପ୍ରଭାବୀ ପଦକ୍ଷେପ ନିଆଯାଇଛି। ଜିନ୍ଦଲ ଆଶା, କିଶୋରୀ ଏକ୍ସପ୍ରେସ, ଯଶସ୍ୱୀ ଓ ଜନଜୀବିକା କେନ୍ଦ୍ର ଭଳି ପଦକ୍ଷେପ ଦ୍ୱାରା ଜିନ୍ଦଲ ଫାଉଣ୍ଡେସନ ଦେଶର ୫୦ ଲକ୍ଷରୁ ଅଧିକ ମହିଳା ଓ ବାଳିକାଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଜୀବନରେ ରୂପାନ୍ତରଣ ଆଣିଛି।

# ପଞ୍ଚାୟତ ସ୍ତରୀୟ ୭୫ତମ କଳାହାଣ୍ଡି ପ୍ରତିଷ୍ଠା ଦିବସ ପାଳିତ

**ଜୟପାଟଣା, (ନି.ପ୍ର):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡି ତରଫରୁ ଜୟପାଟଣା ପଞ୍ଚାୟତ ସ୍ତରୀୟ ୭୫ତମ କଳାହାଣ୍ଡି ପ୍ରତିଷ୍ଠା ଦିବସ ଜୟପାଟଣା ପଂଚାୟତ ସମିତି ସଭାଗୃହ ଠାରେ ସମାରୋହର ସହ ଅନୁଷ୍ଠିତ ହୋଇଯାଇଛି। ଜୟପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀଙ୍କ ସଭାପତିତ୍ୱରେ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଶେଷଦେବ ବେହେରା, ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଟ୍ଟନାଏକ, ଇଂରାଜୀ ଅଧ୍ୟାପକ ମାନସ ପଣ୍ଡା, ଅଂଚଳର ଘୁମୁରାଗୁରୁ ତଥା ଜିଲ୍ଲା କଳା ଓ ସଂସ୍କୃତି ପରିଷଦର ବରିଷ୍ଠ ସଦସ୍ୟ ତୀର୍ଥରାଜ ଦଳପତି, ଜଣେ ଦକ୍ଷ ସଂଗଠକ ଭାବେ ସୁପରିଚିତ ପ୍ରକାଶ ଦୁରିଆ, ସମାଜସେବୀ ଉଆସୁବିଶ୍ୱାଳ, ପଂଚାୟତ ସମିତି ସଭ୍ୟା ପ୍ରତିନିଧି ସତ୍ୟନାରାୟଣ ପୁଝାରୀ, ବରିଷ୍ଠ କବି ରବୀନ୍ଦ୍ରନାଥ ଖମାରି ପ୍ରମୁଖ ଯୋଗ ଦେଇଥିଲେ। ଅଞ୍ଚଳର ଅନେକ ପ୍ରତିଷ୍ଠିତ ଭଦ୍ର ବ୍ୟକ୍ତି, ବୁଦ୍ଧିଜୀବୀ, ବ୍ଲକ କର୍ମଚାରୀଙ୍କ ଉପସ୍ଥିତ କଳାହାଣ୍ଡି ପ୍ରତିଷ୍ଠା ଦିବସକୁ ଆହୁରି ଦ୍ୱିଗୁଣିତ କରିପାରିଥିଲା। କଳାହାଣ୍ଡି ଜିଲ୍ଲା ଇତିହାସର ପୃଷ୍ଠଭୂମି ସମ୍ପର୍କିତ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ମଞ୍ଚାସୀନ ଅତିଥିମାନେ ଏହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ପ୍ରାଗ ଇତିହାସ ଗୁଡହଣ୍ଡି ଶିଳାଲିପିକୁ ପାଥେୟ କରି ବିଭିନ୍ନ ରାଜବଂଶ ମାନଙ୍କର ଶାସନରେ ଉତଥାନ ଓ ପତନ ମଧ୍ୟର ବିକାଶକୁ ନେଇ ସଂଗ୍ରାମ ଓ ସଂଘର୍ଷର ମଶାଲ ଧରି କଳାହାଣ୍ଡି ଭୂମି ଆଗେଇ ଚାଲିଛି ବୋଲି ଆଲୋଚକ ମାନଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ଏକଦା ଏହି ଭୂଖଣ୍ଡ, କମଳମଣ୍ଡଳ, ଚକ୍ରକୋଟ ମଣ୍ଡଳ, ଇନ୍ଦ୍ର ବନ, କାରୁଣ୍ଡ ନାମରେ ନାମିତ ହୋଇ ଆସିଛି। ଅନେକ ରାଜ ବଂଶର ରାଜାମାନଙ୍କ ରାଜୁତି ଏହି ମାଟିରେ ଅନେକ ପୃଷ୍ଠା ମଣ୍ଡିତ କରିଥିବା ବେଳେ ଅନ୍ତିମ ଶାସନ ନାଗ ବଂଶର ରାଜା ମାନଙ୍କ ହାତରେ ରାଜୁତି ଥିଲା। ଗଡଜାତ ମିଶ୍ରଣ ପରେ ୧୯୪୯ମସିହା ନଭେମ୍ବର ୧ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଗଠନ ହୋଇଥିଲା। ଜିଲ୍ଲା ଗଠନର ୭୫ବର୍ଷ ପୂର୍ତ୍ତି ଇତିହାସ କଳାହାଣ୍ଡି ବାସୀଙ୍କ ପାଇଁ ଏକ ଉଜ୍ୱଳ ଭବିଷ୍ୟତର କାମନା କରାଯାଇଛି। ଏହି ଆଲୋଚନାଚକ୍ର ସମାରୋହକୁ ସ୍ମରଣୀୟ କରିବା ପାଇଁ ଏକ ସ୍ମରଣିକା ପ୍ରକାଶ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀଙ୍କ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସାଧୁବାଦ ଜଣେଇବା ସହ ଏହି ସ୍ମରଣିକାରେ ଅଂଚଳର ଲେଖକ, କବିଙ୍କ ଲେଖନୀ, କଳା, ସଂସ୍କୃତି, କଳାହାଣ୍ଡି ଅଂଚଳର ସମସ୍ତ ପ୍ରକାର ଲୋକକଥା, ଐତିହାସିକ ତଥ୍ୟ, ସ୍ଥାନ ପାଇବ ବୋଲି ମତ ପ୍ରକାଶ ପାଇଛି।



## ପେଣ୍ଠ ବେଳାଭୂମିରେ ସାଗର ଆଳତୀ



**ରାଜନଗର,(ନି.ପ୍ର):** ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଆଞ୍ଚଳିକ ଭକ୍ତଗୋଷ୍ଠୀ ଆନୁକୂଲ୍ୟରେ ସାଗର ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଗତର ମଙ୍ଗଳ କାମନା କରି ବଙ୍ଗୋପସାଗର କୂଳରେ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ପଣ୍ଡିତ ମଣ୍ଡଳୀ ହୋମଯଜ୍ଞ କରିଥିଲେ। ନାମସଂକୀର୍ତନ ପରେ ସାଗର ଆଳତୀ କରାଯାଇଥିଲା। ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡା, ସଂପାଦକ ଅଭିରାମ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସ୍ୱାମୀ ରଜତାନନ୍ଦ ସରସ୍ୱତୀ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ରପ୍ରସାଦ ରାଉତ, ଆଇଆଇସି ଅଜୟକୁମାର ଜେନା, ସର୍ବେଶ୍ୱର ମହାନ୍ତି, ଦେବେନ୍ଦ୍ରକୁମାର ଜେନା, ଘନଶ୍ୟାମ ବଳ, ଶରତ ପଣ୍ଡା, ଗଣେଶ୍ୱର ନାୟକ, ଗଗନବିହାରୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେବକ ଅଭୟ ଦାସ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସଏଲ)ରେ ଓଡ଼ିଶା ଏଫସି ଓ ମୋହନ ବାଗାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଉପସ୍ଥିତ ରହି ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିବାବେଳେ ମ୍ୟାଚ ୧-୧ରେ ବରାବର ହୋଇଥିଲା। ତାଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହିଥିଲେ।

# ଆଇନଗତ ଲଢ଼େଇ ଲଢିବ ପିସିବି

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚିଛି। ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ଆୟୋଜନର ହକ୍ ପାଇଥିବାବେଳେ ଭାରତ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଇସଲାମାବାଦ ଯିବାକୁ ମନା କରୁଛି। ଏ ସମ୍ପର୍କରେ ବିସିସିଆଇ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ମଧ୍ୟ ମୌଖିକ ଭାବେ ଜଣାଇ ସାରିଛି।ଭାରତ ସରକାର ସୁରକ୍ଷା ଦୃଷ୍ଟିରୁ ଟିମକୁ ପାକିସ୍ତାନ ଛାଡ଼ିବାକୁ ଅନୁମତି ଦେଉ ନଥିବା ବିସିସିଆଇ କହିଛି। ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରୁଥିବାରୁ ଏବେ ଇସଲାମାବାଦ ନୂଆ ଭେଳିକି ଦେଖାଇବା ଆରମ୍ଭ କରିଛି।ଭାରତ ବିରୋଧରେ ପାକିସ୍ତାନ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।



ମିଳିଥିବା ସୂଚନା ଅନୁସାରେ, ପାକିସ୍ତାନ ସମ୍ଭବତଃ କୋର୍ଟ ଅଫ ଆର୍ବିଟ୍ରେସନ ଫର ସ୍ପୋର୍ଟସ(ସିଏଏସ୍)ରେ ଭାରତ ବିରୋଧରେ ଆବେଦନ କରିପାରେ। ସିଏଏସ୍ ହେଉଛି କ୍ରୀଡ଼ା ସହ ଜଡ଼ିତ ସମସ୍ୟାର ବିଚାର କରୁଥିବା ସର୍ବୋଚ୍ଚ ଅଦାଲତ ତେଣୁ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ପ୍ରସଙ୍ଗରେ ଭାରତକୁ ସିଏଏସ୍ ନେବାକୁ ଯୋଜନା କରିଛି।

ପାକିସ୍ତାନର କହିବା କଥା ଯେ ୨୦୨୩ ବିଶ୍ୱକପ ଖେଳିବାକୁ ପାକିସ୍ତାନ ଟିମ ଭାରତ ଗସ୍ତରେ ଆସିଥିଲା। ଏହିକ୍ରମରେ ଭାରତ ମଧ୍ୟ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବା କଥା। ହେଲେ ବିସିସିଆଇ ପାକିସ୍ତାନକୁ ଟିମ ପଠାଇବାକୁ ମନା କରିଛି ତେଣୁ ପାକିସ୍ତାନ ସିଏଏସ୍‌ରେ ଏନେଇ ନିଜର ପକ୍ଷ ରଖିବାକୁ ଚାହୁଁଥିବା ଜଣାପଡ଼ିଛି।

ମିଡିଆ ରିପୋର୍ଟ ଅନୁସାରେ, ଚାମ୍ପିୟନ୍ସ ଟ୍ରଫି ପାଇଁ ବିସିସିଆଇ ପାକିସ୍ତାନ କ୍ରିକେଟ ବୋର୍ଡକୁ ହାଇବ୍ରିଡ ମଡେଲ ଆପଣାଇବାକୁ କହୁଛି। ଭାରତର ମ୍ୟାଚ୍‌ଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ କରିବାକୁ ବିସିସିଆଇ ପ୍ରସ୍ତାବ ରଖିଛି। ହେଲେ ପିସିବି ମୁଖ୍ୟ ମୋହସିନ ନକବୀ ଏଥିରେ ଏକମତ ହୋଇନାହାନ୍ତି।

# ଦ୍ୱିତୀୟ ଟି୨୦ରେ ହାରିଲା ଭାରତ



କେବରା,୧୦।୧୧: କେବରାର ସେଣ୍ଟ ଜର୍ଜ ପାର୍କରେ ଖେଳାଯାଉଥିବା ଭାରତ-ଦକ୍ଷିଣ ଆଫ୍ରିକା ୨ୟ ଟି-୨୦ରେ ଭାରତକୁ ୩ ୱିକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ଏହା ସହିତ ସିରିଜ ୧-୧ରେ ବରାବର ହୋଇଯାଇଛି। ଭାରତ ଦ୍ୱାରା ରଖାଯାଇଥିବା ୧୨୫ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୯ ଓଭରରେ ୭ ୱିକେଟ ହରାଇ ୧୨୮ କରି ହାସଲ କରିନେଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୪୭ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ରିଜା ହେଣ୍ଡରିକ୍ସ ୨୪ ରନ ଓ ଗେରାଲ୍ଡ କୋଟଜି ୧୯ ରନ କରିଥିଲେ। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତି ୫ ୱିକେଟ ନେଇଥିଲେ।

ଆଜିର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଭାରତକୁ ଆମନ୍ତ୍ରଣ କରିଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାର୍କ୍ରମ ଏହି ନିଷ୍ପତ୍ତି ଘରୋଇ ଦଳର ବୋଲରଙ୍କୁ ସୁହାଇଥିଲା ମଧ୍ୟ ପ୍ରଥମ ଓଭରରେ ହିଁ ଖାତା ଖୋଲିବା ପୂର୍ବରୁ କ୍ଲିନ ବୋଲ୍ଡ ହୋଇ ପାଭିଲିୟନ ଫେରି ଯାଇଥିଲେ। ପୂର୍ବ ମ୍ୟାଚର ଶତକ ବୀର ସଞ୍ଜୁ ସାମସନ୍ ଏହାପରେ ଦ୍ୱିତୀୟ ଓଭରରେ ୪ ରନ କରି ନିଜ ୱିକେଟ ଫିଙ୍ଗିଥିଲେ। ଅନ୍ୟତମ ଓପନର ଅଭିଷେକ ଶର୍ମା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ୪ ରନ ହିଁ କରିବାରେ ସକ୍ଷମ ହୋଇଥିଲେ।

ଶୀର୍ଷ ୩ ଜଣ ବ୍ୟାଟର ବିଫଳ ହେବା ପରେ ଆରମ୍ଭରୁ ହିଁ ସଂକଟରେ ପଡ଼ିଥିଲା ଟିମ୍ ଇଣ୍ଡିଆ। ଏହାପରେ ତିଲକ ବର୍ମା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ଏକ ଭାଗିଦାରୀ ଦଳକୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲା ହେଲେ ଏହା ମଧ୍ୟ ବେଶୀ ସମୟ ତିଷ୍ଠି ପାରିନଥିଲା ଦଳୀୟ ସ୍କୋର ୪୫ ରନ ହୋଇଥିବାବେଳେ ୨୦ ରନ କରି ପାଭିଲିୟନ ଫେରିଯାଇଥିଲେ ତିଲକ ବର୍ମା।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କିଛି ସମୟ ସାଥ ଦେବାପରେ ୨୭ ରନ କରି ଅକ୍ଷର ପଟେଲ ରନ ଆଉଟ୍ ହୋଇ ପାଭିଲିୟନ ଫେରିଯାଇଥିଲେ ରିଙ୍କୁ ସିଂ ୯ ରନ କରି ଆଉଟ ହୋଇଥିବାବେଳେ ୭ ରନର ଅପରାଜିତ ପାଳି ଖେଳିଛନ୍ତି। ଅର୍ଶଦୀପ ସିଂ ତେବେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ଦଳକୁ ୧୨୪ ରନରେ ପହଞ୍ଚାଇଥିଲେ ସେ ୪୫ ବଲରେ ବ୍ୟକ୍ତିଗତ ୩୯ ରନର ପାଳି ଖେଳିଥିଲେ।

# ଫିଲ ସଲ୍ଟଙ୍କ ବିଶ୍ୱରେକର୍ଡ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍ ଫିଲ୍ ସଲ୍ଟ ୫୪ ବଲରେ ଅପରାଜିତ ୧୦୩ ରନ୍ କରି ଟି-୨୦ରେ ବିଶ୍ୱରେକର୍ଡ କରିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଗୋଟିଏ ଦଳ ବିପକ୍ଷରେ ଟି-୨୦ରେ ୩ଟି ଶତକ ହାସଲ କରିଛି। ଗତବର୍ଷ ସଲ୍ଟ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ୨ଟି ଟି-୨୦ରେ ୨ଟି ଶତକ ହାସଲ କରିଥିଲେ ଏହାବାଦ ସେ ଜୋଶ ବଟଲରଙ୍କୁ ପଛରେ ପକାଇ ଇଂଲଣ୍ଡର ୱିକେଟ କିପର ବ୍ୟାଟର ଭାବେ ଟି-୨୦ରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ମଧ୍ୟ କରିଛନ୍ତି।ମ୍ୟାଚ କଥା ବିଚାରକୁ ନେଲେ ଇଂଲଣ୍ଡ ଟିମର ଅଧିନାୟକ ବଟଲର ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ରୋଭମନ ପାଲେଙ୍କ ଇଣ୍ଡିଜ ଟିମ ଏକଦା ୮ ୱିକେଟ ହରାଇ ୧୧୭ ରନ କରିଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ଦଳର ନିମ୍ନକ୍ରମ ବ୍ୟାଟର କମାଲ କରି ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନ କରିଥିଲେ।ଦଳ ପାଇଁ ନିକୋଲସ ପୁରନ ୨୯ ବଲରେ ୩୮ ରନ, ରୋମାରିଓ ଶେଫର୍ଡ ୨୨ ବଲରେ ଅପରାଜିତ ୩୫, ଗୁଡାକେଶ ମୋତି ୧୪ ବଲରେ ୩୩ ଓ ଆନ୍ଦ୍ରେ ରସେଲ ୧୭ ବଲରେ ୩୦ ରନର ଇନିଂସ ଖେଳିଥିଲେ।ଇଂଲଣ୍ଡ ପାଇଁ ସାକିବ ମହମୁଦ ୪ଟି ୱିକେଟ ନେଇଥିବା ବେଳେ ଲେଗ ସ୍ପିନର ଆଦିଲ ରଶିଦଙ୍କ ଖାତାକୁ ୩ଟି ସଫଳତା ଯାଇଥିଲା ଜାମି ଓଭରଟନ ଓ ଲିଆମ ଲିଭିଙ୍ଗଷ୍ଟୋନ ଗୋଟିଏ ଲେଖାଏ ସଫଳତା ପାଇଥିଲେ।



୧୮୩ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ ପାଇଁ ସଲ୍ଟ ୱିଲ ଜ୍ୟାକ୍ସ ଇନିଂସ ଆରମ୍ଭ କରିଥିଲେ। ଉଭୟ ଆଟାକିଂ କ୍ରିକେଟ ଖେଳି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ ୪ ଓଭର ସୁଦ୍ଧା ଦଳୀୟ ସ୍କୋର ୫୦ ପାର କରିଥିଲା।୬ଷ୍ଠ ଓଭରରେ ସଲ୍ଟ ଛକା ମାରି ୨୫ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ସମାନ ଓଭରରେ ଇଂଲଣ୍ଡ ୭୩ ରନରେ ଜ୍ୟାକ୍ସଙ୍କୁ ହରାଇଥିଲା ସେ ୧୦ ବଲରେ ୧୭ ରନ କରି ଆଉଟ ହୋଇଥିଲେ। ଅଧିନାୟକ ଜୋଶ ବଟଲର ନିଜର କମବ୍ୟାକ ମ୍ୟାଚ୍‌ରେ ପ୍ରଥମ ବଲରେ ହିଁ ଆଉଟ ହୋଇଯାଇଥିଲେ।ତେବେ ଡେବ୍ୟୁଟାଣ୍ଟ ଜ୍ୟାକବ ବେଥେଲ ଓ ସଲ୍ଟ ଦମଦାର ବ୍ୟାଟିଂ କରିଥିଲେ ୧୦ ଓଭର ସୁଦ୍ଧା ଦଳୀୟ ସ୍କୋର ୧୦୦ ପାର କରି ଯାଇଥିଲା। ୧୩ତମ ଓଭରରେ ସଲ୍ଟ ଓ ବେଥେଲଙ୍କ ମଧ୍ୟରେ ୫୦ ରନ ଭାଗିଦାରୀ ପୂରଣ ହୋଇଥିଲେ ୧୫ତମ ଓଭରରେ ଇଂଲଣ୍ଡ ୧୫୦ ମାର୍କ ଛୁଇଁ ଥିଲା। ପରବର୍ତ୍ତୀ ଓଭରରେ ବେଥେଲ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ୧୭ତମ ଓଭରରେ ଭାଗିଦାରୀ ୧୦୦ ରନ ପୂରଣ ହେବା ସହ ସଲ୍ଟ ମଧ୍ୟ ନିଜର ଶତକ ହାସଲ କରିଥିଲେ। ଇଂଲଣ୍ଡ ୩.୫ ଓଭର ପୂର୍ବରୁ ମ୍ୟାଚ୍ କବାଜ କରିଥିବା ବେଳେ ସଲ୍ଟ ଓ ବେଥେଲ ତୃତୀୟ ୱିକେଟ ପାଇଁ ୬୧ ବଲରେ ୧୦୭ ରନ ଯୋଡ଼ିଥିଲେ। ସଲ୍ଟ ଶେଷ ଯାଏ ୫୪ ବଲରେ ୧୦୩ ଓ ବେଥେଲ ୩୬ ବଲରେ ୫୮ ରନ କରି ଅପରାଜିତ ରହିଥିଲେ।

# ଫାଇନାଲରେ ରାଇଜିଂ



ଖୋର୍ଦ୍ଧା,୧୦।୧୧: କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଷଷ୍ଠ ଦିବସରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଇଗଲ କ୍ରିକେଟ୍ କ୍ଲବ୍‌କୁ ୧୧୨ ରନ୍‌ରେ ପରାସ୍ତ କରି ଏକ ବିଶାଳ ବିଜୟ ହାସଲ କରିବାସହ ଫାଇନାଲ ରେ ପ୍ରବେଶ କରିଛି।

ଟସ୍‌ରେ ଜିତି ରାଇଜିଂ ଷ୍ଟାର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ସମସ୍ତ ୧୦ଟି ୱିକେଟ ହରାଇ ୨୦୫ ରନ୍ କରିଥିଲେ। ଦଳ ପକ୍ଷରୁ ସୌର୍ଯ୍ୟନ୍ ପଟ୍ଟନାୟକ ସର୍ବାଧିକ ୬୯ ରନ୍ , ରଂଜିତ ପାଇକରାୟ ୪୨ ରନ ଓ ସରୋଜ ପାତ୍ର ୪୦ ରନ୍ କରିଥିଲେ। ଇଗଲ କ୍ରିକେଟ୍ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସନ୍ଦୀପ ଚୌହାନ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଗଲ କ୍ରିକେଟ୍ କ୍ଲବ୍ ରାଇଜିଂ ଷ୍ଟାର୍ କ୍ଲବ୍‌ର ବୋଲର ତୀର୍ଥଙ୍କର ସାହୁ (୪ ୱିକେଟ) ଓ ଅଭିଜିତ ମହାନ୍ତି (୪ ୱିକେଟ)ଙ୍କ ବୋଲିଂର ସମ୍ମୁଖୀନ ହୋଇନପାରି ୨୨ ଓଭରରେ ସମସ୍ତ ୱିକେଟ ହରାଇ। ମାତ୍ର ୯୩ ରନ୍ କରିଥିଲେଇଗଲ କ୍ରିକେଟ୍ କ୍ଲବ ତରଫରୁ ଧରଣୀଧର ସ୍ୱାଇଁ ୨୨ ରନ ଓ ସନ୍ଦୀପ ଚୌହାନ ୨୧ ରନ କରିଥିଲେ। ଏହି ମ୍ୟାଚ୍‌କୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବାରାଲ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରରେ ଭୂମିକା ଗ୍ରହଣ କରିଥିଲେମ୍ୟାଚ୍ ରେଫରି ଭାବେ ରୋହିତ ରଞ୍ଜନ ରାୟ ଓ ସଂଯୋଜକ ଭାବେ ସୁକାନ୍ତ ଦାସ ଦାୟିତ୍ୱରେ ଥିଲେ। ଆସନ୍ତାକାଲି କେ ଟି ଗ୍ଲୋବାଲ ଓ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା

ଢେଙ୍କାନାଳ,୧୦।୧୧(ସ୍ୱୟଂପ୍ରକାଶ): ଢେଙ୍କାନାଳ ଜିଲ୍ଲା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍ ଠାରେ ଏକ ଜିଲ୍ଲସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ ଏବଂ ସମ୍ମାନୀତ ଅତିଥି ରୂପେ ବରିଷ୍ଠ ଆଇନ୍‌ଜୀବୀ ଶିବସାଇ ମହାପାତ୍ର ଯୋଗ ଦେଇଥିଲେ। ସଭାକୁ ପରିଚାଳନା ଦାୟିତ୍ୱ ଜିଲ୍ଲା ବ୍ୟାଡମିଂଟ ସଂଘ ଢେଙ୍କାନାଳର ସମ୍ପାଦକ ଟଙ୍କଧର ବେହେରା ଏବଂ ସଭାପତି ଦୀପକ କୁମାର ଦଳେଇ ବହନ କରିଥିଲେ। ଏହି ପ୍ରତିଯୋଗିତାରେ ଭୁବନ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, ଗଁଦିଆ ବ୍ଲକ୍ ତଥା ଢେଙ୍କନାଳ ଜିଲ୍ଲାର କୋଣ ଅନୁକୋଣରୁ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଖେଳାଳୀମାନେ ସିନିୟର ଡବଲ୍ସ ଓ ଭେଟେରାନ୍ ଡବଲ୍ସ ଇଭେଂଟରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା କରିବାରେ ତାରିଣୀ ପ୍ରସାଦ ମାଝି (କୋଚ୍), ରଶ୍ମି ରଞ୍ଜନ ପଟ୍ଟନାୟକ, ଅମିତ ରଞ୍ଜନ ଶତପଥୀ, ସାରଦା ପ୍ରସନ୍ନ ହୋତା, ସୁଶାନ୍ତ କୁମାର ସାହୁ ସହଯୋଗ କରିଥିଲେ।



# ଆନ୍ତଃ-ମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ପାରାଦୀପ,୧୦।୧୧(ମହାଭାରତ):ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଦ୍ୱାରା ପ୍ରାଯୋଜିତ ଜୋନ-୧ ସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଚଳିତ ନଭେମ୍ବର ମାସ ୯ ଓ ୧୦ ତାରିଖ ଦୁଇଦିନ ଧରି ପାରାଦୀପ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ କୁ ପାରାଦୀପ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ.ସସ୍ମିତା ଶତପଥି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟ ର ଅର୍ଥନୀତି ବିଭାଗ ମୁଖ୍ୟ ତଥା କ୍ରୀଡା ପରିଷଦର ଉପସଭାପତି ଜଗମୋହନ ମିଶ୍ର ଙ୍କ ସମେତ ବହୁ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ପ୍ରାୟ ୧୫ ଟି ଭଲିବଲ ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ବିଜୟୀ ହୋଇଥିବା ବେଳେ ମାର୍ଶାଘାଇ ମହାବିଦ୍ୟାଳୟ ଦ୍ୱିତୀୟ ବିଜେତା ହୋଇଥିଲେ।

# ୨୨ ବର୍ଷ ପରେ ଅଷ୍ଟ୍ରେଲିଆ ସିରିଜ୍ ଜିଣିଲା ପାକିସ୍ତାନ

ପର୍ଥ,୧୦।୧୧(ଏଜେନ୍ସି): ପ୍ରମୁଖ ଖେଳାଳି ପାଟ କମିନ୍ସ, ଟ୍ରାଭିଡ ହେଡ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ଜୋଶ ହେଜେଲଉଡ ଓ ମାର୍ନସ ଲାବୁଶେନଙ୍କ ଭଳି ଖେଳାଳି ନଥିବା ଅଷ୍ଟ୍ରେଲିଆକୁ ହରାଇ ଇତିହାସ ରଚିଛି ପାକିସ୍ତାନ। ଦୀର୍ଘ ୨୨ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ପାକିସ୍ତାନ ଦ୍ୱିପାକ୍ଷିକ ଦିନିକିଆ ସିରିଜ ଜିତିବାକୁ ସକ୍ଷମ ହୋଇଛି।ଶେଷଥର ପାଇଁ ଦଳ ୨୦୦୨ ମସିହାରେ ଅଷ୍ଟ୍ରେଲିଆକୁ ତାରି ମାଟିରେ ହରାଇ ଦିନିକିଆ ସିରିଜ ଜିତିଥିଲା। ଏବେ ମହମ୍ମଦ ରିଜାନଙ୍କ ପାକିସ୍ତାନ ୨୨ ବର୍ଷ ପରେ ପାକିସ୍ତାନକୁ ୨-୧ରେ ହରାଇ ଦିନିକିଆ ସିରିଜ କବଜା କରିଛି।



ଦିନିକିଆ ବିଶ୍ୱକପ ପରେ ବାବର ଆଜମ କ୍ୟାପ୍ଟେନ ପଦ ଛାଡ଼ିଥିଲେ। ଏହାପରେ ନିକଟରେ ମହମ୍ମଦ ରିଜୱାନଙ୍କୁ ପାକିସ୍ତାନର କମାଣ ଦିଆଯାଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ସେ କ୍ୟାପ୍ଟେନ୍ସି ଆରମ୍ଭ କରିଥିଲେ। ଏବେ ପ୍ରଥମ ସିରିଜରେ ହିଁ ସେ ପାକିସ୍ତାନକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି।

ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ଜିତି ନେଇଥିଲା। କିନ୍ତୁ ଦ୍ୱିତୀୟ ଦିନିକିଆରେ ପାକିସ୍ତାନ କମବ୍ୟାକ କରିଥିଲା। ସିରିଜ ୧-୧ ସ୍ଥିତିରେ ଥିବା ବେଳେ ଆଜି ପର୍ଥରେ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଟିମର ୫ ଷ୍ଟାର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ଅଧିନାୟକ ପାଟ କମିନ୍ସ ମଧ୍ୟ ରହିଥିଲେ। ତାଙ୍କ ବ୍ୟତୀତ ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ଜୋଶ ହେଜେଲଉଡ ଓ ମାର୍ନସ ଲାବୁଶେନ ମଧ୍ୟ ନଜର ଆସିନଥିଲେ। ଅଷ୍ଟ୍ରେଲିଆର କମାଣ ଜୋଶ ଇଙ୍ଗଲିସ ସମ୍ଭାଳିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ। ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଦଳ ୩୧.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୪୦ ରନ କରିଥିଲା। ଏହି ଟାର୍ଗେଟକୁ ପାକିସ୍ତାନ ଦୁଇ ୱିକେଟ ହରାଇ ୨୬.୫ ଓଭରରେ ହାସଲ କରି ନେଇଛି ଏଥିସହ ଦିନିକିଆ। ସିରିଜକୁ ୨-୧ରେ କବଜା କରିଛି।ପାକିସ୍ତାନ ପକ୍ଷରୁ ଦୁଇ ଓପନର ସୈମ ଆୟୁବ ୪୨ ଓ ଅବଦୁଲ୍ଲା ଶଫିକ ୩୭ ରନ କରି ବିଜୟକୁ ଏକପ୍ରକାରର ପକ୍କା କରିଥିଲେ ବାକି କାମ ଦୁଇ ଅଭିଜ୍ଞ ବ୍ୟାଟର ବାବର ଆଜମ ଓ ମହମ୍ମଦ ରିଜାନ ପୂରା କରିଥିଲେ।ଦିନିକିଆକୁ ଜିତିବା ପାଇଁ ୨ ରନ ଦରକାର ଥିବା ବେଳେ ବାବର ଚୌକା ମାରି ମ୍ୟାଚ୍ ଶେଷ କରିଥିଲେ ସେ ଶେଷ ଯାଏ ୨୮ ରନ ଓ ଅଧିନାୟକ ରିଜାନ ୩୦ ରନ କରି ଅପରାଜିତ ରହିଥିଲେ।

ତେବେ ବୋଲିଂରେ କମାଲ କରିଥିବା ହରିଶ ରୌଫଙ୍କୁ ଉଭୟ ମ୍ୟାନ ଅଫ ଦି ମ୍ୟାଚ୍ ଓ ସିରିଜ ପୁରସ୍କାର ମିଳିଛି। ସେ ଦ୍ୱିତୀୟ ଦିନିକିଆରେ ୫ ୱିକେଟ ନେଇଥିଲେ। ଆଜି ରୌଫ ୭ ଓଭରରେ ମାତ୍ର ୨୪ ରନ ଦେଇ ୨ୱିକେଟ ଦଖଲ କରିଛନ୍ତି। ତାଙ୍କ ବ୍ୟତୀତ ପର୍ଥ ଦିନିକିଆରେ ଶାହୀନ ଶାହ ଆଫ୍ରିଦି ଓ ନସୀମ ଶାହ ୩ଟି ଲେଖାଏ ସଫଳତା ପାଇଛନ୍ତି ହସନୈନଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଛି।

# ଆନ୍ତଃରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ସୁଟିଂ ଚାମ୍ପିୟନସିପରେ କଳିକେଶ



ବଲାଙ୍ଗୀର,୧୦।୧୧: ନେସନାଲ ରାଇଫଲ ଏସୋସିଏସନ ଅଫ ଇଣ୍ଡିଆ(ଏନଆରଏଆଇ) ସଭାପତି ଥିବା ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଜାତୀୟସ୍ତରରେ ପ୍ରତିଷ୍ଠାଲାଭ କରିଥିବା ବେଳେ ଏବେ ଦିଲ୍ଲୀରେ ମାନଭରଚନା ବିଶ୍ୱବିଦ୍ୟାଳୟ ତରଫରୁ ଚାଲିଥିବା ଆନ୍ତଃରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ସୁଟିଂଚାମ୍ପିୟନସିପରେ କେନ୍ଦ୍ରମନ୍ତ୍ରୀ ଜୟନ୍ତସିଂ ଚୌଧୁରୀଙ୍କ ସହିତ କଳିକେଶ ଯୋଗଦେଇଛନ୍ତି।

ଇଣ୍ଟର ୟୁନିଭର୍ସିଟି ସ୍ପୋର୍ଟସ ଫେଡେରେସନ (ଫିସୁ)ପ୍ରଯୋଜନାରେ ଦିଲ୍ଲୀର ଡ.କର୍ଣ୍ଣିସିଂ ସୁଟିଂରେଞ୍ଜରେ ମାନଭରଚନା ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ଏହି ୱାର୍ଲ୍ଡ ୟୁନିଭର୍ସିଟି ଚାମ୍ପିୟନସିପରେ ଭାରତ ସମେତ ମୋଟ ୨୩ଟି ଦେଶର ୨୮୦ ପ୍ରତିଯୋଗୀ ଓ ଅଫିସିଆଲ୍ସ ଯୋଗଦେଇଥିଲେ। କେନ୍ଦ୍ର ଦକ୍ଷତାବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧିନ) ଜୟନ୍ତ ସିଂଚୌଧୁରୀ ଏହି ଚାମ୍ପିୟନସିପ ପାଇଁ ଏନଆରଏଆଇ ଓ କଳିକେଶଙ୍କୁ ପ୍ରଶଂସା ଜଣାଇଛନ୍ତି। ଆଜିର ୧୦ମିଟର ପିସ୍ତଲ ସୁଟିଂ ଫାଇନାଲରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ସିଂ ଯୋଗଦେଇ ବିଜୟୀ ପ୍ରତିଯୋଗୀ ତଥା ଭାରତରୁ ପ୍ରତିନିଧି କରି ଏହି ଚାମ୍ପିୟନସିପରେ ସ୍ୱର୍ଣ୍ଣ ଓ ରୌପ୍ୟମେଡାଲ ଜିଣିଥିବା ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରି ଏନଆରଏଆଇକୁ ଉଚ୍ଚପ୍ରଶଂସା କରିଥିଲେ। ପ୍ରକାଶ୍ୟ ଯେ,ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ପୂର୍ବରୁ ଏନଆରଏଆଇର କାର୍ଯ୍ୟକାରୀ ସଭାପତି ଥିବା ବେଳେ ପ୍ୟାରିସ ଅଲମ୍ପିକକୁ ପ୍ରତିଯୋଗୀମାନଙ୍କୁ ନେଇ ଯାଇଥିଲେ। ପ୍ୟାରିସ ଅଲମ୍ପିକରେ ସୁଟିଂ ଇଭେଣ୍ଟରେ ଭାରତ ଖୁବ ସୁନ୍ଦର ପ୍ରଦର୍ଶନ କରିଥିଲା ଓ ୪ଟି ମେଡାଲ ଆଣିଥିଲେ। ଫଳରେ ଜାତୀୟସ୍ତରରେ ଏନଆରଏଆଇ ଓ କଳିକେଶଙ୍କ ପ୍ରତିଷ୍ଠା ବଢିଥିଲା। ପରେ ଗତ ସେପଟେମ୍ବର ମାସରେ ଅନୁଷ୍ଠିତ ଏନଆରଏଆଇର ନିର୍ବାଚନରେ କଳିକେଶ ବିପୁଳ ଭୋଟରେ ବିଜୟୀ ହୋଇ ସଭାପତି ହୋଇଥିଲେ।

ଏନଆରଏଆଇ ସଭାପତି ହେବାପରେ କଳିକେଶଙ୍କ ନେତୃତ୍ୱରେ ଅନେକଗୁଡ଼ିଏ ବଡ ସୁଟିଂ ଇଭେଣ୍ଟ ଚାଲିଛି। କଳିକେଶ ଏହି ଅବସରରେ କହିଛନ୍ତି ଯେ, ଭାରତୀୟ କ୍ରୀଡାବିଦଙ୍କ ମଧ୍ୟରେ ଏକ ପ୍ରତିଯୋଗୀ ମନୋଭାବ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଭାରତୀୟ କ୍ରୀଡାବିଦ ସଠିକ ଭାବରେ ସୁଯୋଗ୍ ପାଇଁ ନିଜର ଉତ୍କର୍ଷତା ଦେଖାଇ ପାରିବେ ବୋଲି କଳିକେଶ ଦୃଢତାର ସହିତ କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ